

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୭ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 SEPTEMBER 2020

Vol.No. 30 ■ No. 245 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

ଭୁବନେଶ୍ୱରରୁ ଆଉ ୩୧୯ ପଜିଟିଭ୍

ଭୁବନେଶ୍ୱର,୨୬।୯ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ଶନିବାର ଦିନ ଆଉ ୩୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ୬୨ ଜଣ ସରକାରୀ ସଂଗରୋଧରୁ ଓ ୨୫୭ ଜଣ ସ୍ଥାନୀୟ ଅଂଚଳରୁ ଚିହ୍ନଟ ହୋଇଛନ୍ତି । ସେହିପରି ଭୁବନେଶ୍ୱରରୁ ଆଉ ୩୫୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ଏଥିସହ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୦ ହଜାର ୫୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୧୬ ହଜାର ୮୬୪ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୩ ହଜାର ୫୭୪ ଜଣ ଆକ୍ରାନ୍ତ ସକ୍ରିୟ ଆକ୍ରାନ୍ତ ଥିବା ବେଳେ ୮୪ ଜଣଙ୍କର ମୃତ୍ୟୁ ହୋଇଛି । ସରକାରୀ ସଂଗରୋଧରୁ ଚିହ୍ନଟ ୬୨ କରୋନା ପଜିଟିଭ ବ୍ୟକ୍ତିମାନେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ସଂସ୍ପର୍ଶରେ ଆସିଥିଲେ । ସେମାନଙ୍କ ମଧ୍ୟରେଲକ୍ଷ୍ମୀସାଗରରୁ ୬ ଜଣ, ଚନ୍ଦ୍ରଶେଖରପୁରରୁ ୫ ଜଣ, ସହିଦ ନଗର, ରସୁଲଗଡ଼ରୁ ୪-୪ ଜଣ, ବଡ଼ଗଡ଼, ପୋଖରିପୁଟ, ପଟିଆରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ▶▶ପୃଷ୍ଠା ୭

ବିଜେପି ସଭାପତି ଜେପି ନଡ୍ଡା ଘୋଷଣା କଲେ ନୂଆ ଟିମ୍

- ବିଜେପିର ରାଷ୍ଟ୍ରୀୟ ଟିମରେ ଓଡିଶାର ଚାରି ଜଣ ନେତା
- ପ୍ରଥମ ଥର ପାଇଁ ବିଶ୍ୱେଶ୍ୱର ଟୁଡୁ ରାଷ୍ଟ୍ରୀୟ ସମ୍ପାଦକ ତଥା ଅପରାଜିତା ରାଷ୍ଟ୍ରୀୟ ପ୍ରବକ୍ତା ନିଯୁକ୍ତ

ଭୁବନେଶ୍ୱର,୨୬।୯ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଶନିବାର ଦିନ ରାଷ୍ଟ୍ରୀୟ ଟିମ ଘୋଷଣା କରିଛନ୍ତି । ଏହି ଟିମରେ ଓଡିଶାରୁ ଚାରି ଜଣଙ୍କୁ ସ୍ଥାନ ମିଳିଛି । ଗତ ଥରର ଟିମରେ ଥିବା ସାଂସଦ ସୁରେଶ ପୂଜାରୀଙ୍କୁ ଚଳିତ ଟିମରେ ସ୍ଥାନ ମିଳି ନାହିଁ । ପୂର୍ବ ଟିମରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଥିବା ବୈଜୟନ୍ତ ପଣ୍ଡାଙ୍କୁ ପୁଣି ଥରେ ସମାନ ଦାୟିତ୍ୱ ଦିଆ ଯାଇଛି । ସେହିପରି ରାଷ୍ଟ୍ରୀୟ ପ୍ରବକ୍ତା ଭାବେ କାମ କରି ଆସୁଥିବା ତା ସମ୍ବିତ ପାତ୍ରଙ୍କୁ ପୁଣି ଥରେ ସେହି ସମାନ ଦାୟିତ୍ୱ ପ୍ରଦାନ କରା ଯାଇଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ପ୍ରଥମ ଥର ପାଇଁ ରାଷ୍ଟ୍ରୀୟ ପ୍ରବକ୍ତା ଦାୟିତ୍ୱ ପ୍ରଦାନ କରା ଯାଇଛି । ସେହିପରି ଭାବେ ମୟୁରଭଂଜର ସାଂସଦ ଇଂଜିନିୟର ବିଶ୍ୱେଶ୍ୱର ଟୁଡୁଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଭାବେ ନୂତନ ଟିମରେ ସ୍ଥାନ ମିଳିଛି ।

୧୨ ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୨୬।୯ (ନି.ପ୍ର): ପୂର୍ବ ବିହାର ଏବଂ ତତ୍ ସଂଲଗ୍ନ ଅଂଚଳ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ସଂପ୍ରତି ସକ୍ରିୟ ରହିଛି । ଆସନ୍ତାକାଲି (ରବିବାର) ସୁଦ୍ଧା ଏହା ଦୁର୍ବଳ ହୋଇଯିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ଦକ୍ଷିଣ ଓଡ଼ିଶା ଓ ଆଭ୍ୟନ୍ତରୀଣ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ଝଡ଼ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡା ଏବଂ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ▶▶ପୃଷ୍ଠା ୭

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୬।୯ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୯୦୨ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୩୫,୦୮୦ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୩୬୧୩, ବାଲେଶ୍ୱର ଜିଲ୍ଲାରେ ୭୧୨୮ , ବରଗଡ ଜିଲ୍ଲାରେ ୫୯୧୩, ଭଦ୍ରକ ଜିଲ୍ଲାରେ ୪୯୬୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୩୯୩୦. ବୌଦ୍ଧ ଜିଲ୍ଲାରେ ୧୭୨୬, କଟକ ଜିଲ୍ଲାରେ ୧୯,୨୩୩, ଦେବଗଡ ଜିଲ୍ଲାରେ ୫୯୧, ଢେଙ୍କାନାଳ ଜିଲ୍ଲାରେ ୩୪୫୩. ଗଜପତି ଜିଲ୍ଲାରେ ୩୪୬୩, ଗଂଜାମ ଜିଲ୍ଲାରେ ୧୯୯୯୬ , ଜଗତସିଂହପୁର ଜିଲ୍ଲାରେ ୪୯୩୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୭୮୭୯, ଝାରସୁଗୁଡା ଜିଲ୍ଲାରେ ୪୧୧୧, କଳାହାଣ୍ଡି ଜିଲ୍ଲାରେ ୩୦୧୧, କନ୍ଧମାଳ ୪୧୮୧, କେନ୍ଦ୍ରାପଡା ଜିଲ୍ଲାରେ ୪୬୨୯, କେନ୍ଦୁଝର ଜିଲ୍ଲାରେ ୩୭୭୫ କରୋନା ▶▶ପୃଷ୍ଠା ୭

ସିଭିଲ ସର୍ଭିସ ପରୀକ୍ଷା ପାଇଁ ଚାଲିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୬।୯ (ନି.ପ୍ର): ଅକ୍ଟୋବର ୪ ତାରିଖରେ ସିଭିଲ ସର୍ଭିସର ପ୍ରିଲିମ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଲାଗି ରେଳ ମନ୍ତ୍ରାଳୟ ପକ୍ଷରୁ ଅକ୍ଟୋବର ୩ ତାରିଖରେ ପୂର୍ବତଟ ରେଳପଥ ଅଧୀନରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତି ହୋଇଛି । ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ବ୍ରହ୍ମପୁର, କେନ୍ଦୁଝରଗଡ଼, ଖରିଆର ରୋଡ଼ ଓ କୋରାପୁଟରୁ ଅପରାହ୍ନ ୪ଟାରେ ଛାଡ଼ିବ । ସେହିଭଳି କେରାପୁଟରୁ ସକାଳ ୫ଟାରେ ଏବଂ ଅନ୍ୟ ଷ୍ଟେସନଗୁଡ଼ିକରୁ ଦିନ ୧ଟାରେ ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ଛାଡ଼ିବ । ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକ ସେହିଦିନ ସନ୍ଧ୍ୟାରେ ପରୀକ୍ଷା ସେଂଟର ଥିବା ସହରରେ ପହଂଚିବ । ବ୍ରହ୍ମପୁର-କଟକ ମେମୁ ଏଗଜାମିନେସନ ସ୍ପେଶାଲ ,କେନ୍ଦୁଝରଗଡ଼-କଟକ ଏଗଜାମିନେସନ ସ୍ପେଶାଲ ,ଇଛାପୁରମ-ବିଶାଖାପାଟଣା ସ୍ପେଶାଲ -ଖରିଆର ରୋଡ଼-ସମ୍ବଲପୁର ଏଗଜାମିନେସନ ସ୍ପେଶାଲ ,କୋରାପୁଟ-କଟକ ପାସେଞ୍ଜର ଏଗଜାମିନେସନ ସ୍ପେଶାଲ ,କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଏଗଜାମିନେସନ ସ୍ପେଶାଲ , ରାଉରକେଲା-କଟକ ଭାୟା ଝାରସୁଗୁଡ଼ା ଏଗଜାମିନେସନ ସ୍ପେଶାଲ.ବାରିପଦା-କଟକ ଏଗଜାମିନେସନ ସ୍ପେଶାଲ ଏବଂ ବିଜୟୱାଡା-ବିଶାଖାପାଟଣା ଏଗଜାମିନେସନ ସ୍ପେଶାଲ ।

ସୁସ୍ଥରେ ରେକର୍ଡ : ଗୋଟିଏ ଦିନରେ ଆରୋଗ୍ୟଲାଭ କଲେ ୪,୭୬୧

ଭୁବନେଶ୍ୱର,୨୬।୯ (ନି.ପ୍ର): ରାଜ୍ୟରେ କରୋନାରୁ ଗୋଟିଏ ଦିନରେ ସର୍ବାଧିକ ୪,୭୬୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହ ରାଜ୍ୟରେ ଏପର୍ଯ୍ୟନ୍ତ ୧ ଲକ୍ଷ ୭୦ ହଜାର ୧୯୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ଖୋର୍ଦ୍ଧା ଜିଲ୍ଲାରୁ ରେକର୍ଡ ସଂଖ୍ୟକ ୧,୧୭୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୪୧୧ ଜଣ, ମୟୂରଭଂଜ ଜିଲ୍ଲାରୁ ୨୧୬ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୬୭ ଜଣ, ଯାଜପୁର ଜିଲ୍ଲାରୁ ୧୪୨ ଜଣ, ବରଗଡ଼ ଜିଲ୍ଲାରୁ ୧୪୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୩୭ ଜଣ, ନବରଂଗପୁର ଜିଲ୍ଲାରୁ ୧୧୪ ଜଣ, ପୁରୀ ଜିଲ୍ଲାରୁ ୧୦୯ ଜଣ, ଜଗତସିଂହପୁର , ସୁବର୍ଣ୍ଣପୁର ଜିଲ୍ଲାରୁ ୧୦୩ ଜଣ ଲେଖାଏଁ, କେରାପୁଟ ଜିଲ୍ଲାରୁ ୧୦୨ ଜଣ ଓ ଅନୁଗୁଳ ଜିଲ୍ଲାରୁ ୧୦୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରୁ ୯୮ ଜଣ, କଳାହାଣ୍ଡି ▶▶ପୃଷ୍ଠା ୭

ପ୍ରଧାନମନ୍ତ୍ରୀ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୬।୯ (ନି.ପ୍ର): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ଦ୍ୱାରା ଗଠିତ ହୋଇଥିବା ନୂଆ ରାଷ୍ଟ୍ରୀୟ ପଦାଧିକାରୀ ଟିମରେ ୪ ଓଡିଆଙ୍କ ସମେତ ନବନିଯୁକ୍ତ ସମସ୍ତ ପଦାଧିକାରୀଙ୍କୁ ଟ୍ୱିଟ୍ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଶେଷ ଭାବରେ ଏହି ନୂଆ ଟିମରେ ୪ ଓଡିଆଙ୍କୁ ସାମିଲ କରିଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦଳୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ବିଜେପିର ଏହି ଟିମରେ ଶ୍ରୀ ବୈଜୟନ୍ତ ପଣ୍ଡାଙ୍କୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ଶ୍ରୀ ବିଶେଶ୍ୱର ଟୁଡୁଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଏବଂ ଶ୍ରୀ ସମିତ୍ ପାତ୍ର ଓ ଶ୍ରୀମତି ଅପରାଜିତା ଷଡଙ୍ଗୀଙ୍କୁ ରାଷ୍ଟ୍ରୀୟ ମୁଖପାତ୍ର ଭାବରେ ନିଯୁକ୍ତି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି ନଡ୍ଡା ଓଡିଶାକୁ ଗୁରୁତ୍ୱ ଦେଇଛନ୍ତି ।

ପରୀକ୍ଷାକୁ ନେଇ ସ୍ୱଚ୍ଛତା ରଖନ୍ତୁ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ : ଏବିଭିପି

ଭୁବନେଶ୍ୱର,୨୬।୯ (ନି.ପ୍ର): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷା ସମାପ୍ତ ହୋଇଯାଇଛି । ତେବେ ଏହି ପରୀକ୍ଷାରେ ସ୍ୱଚ୍ଛତା ନଥିବା ବା ଛାତ୍ରୀମାନଙ୍କୁ ଦ୍ୱନ୍ଦରେ ପକାଇଛନ୍ତି ରମାଦେବୀ କର୍ତ୍ତୁପକ୍ଷ । ପୂର୍ବ ସୂଚନା ଅନୁଯାୟୀ ଛାତ୍ରୀ ମାନଙ୍କୁ ପାଂଚଟି ପ୍ରଶ୍ନରୁ ତିନି ପ୍ରଶ୍ନର ଉତର ଦେବାର ଥିଲା । କିନ୍ତୁ ଅନୁବନ୍ଧିତ ଭାବେ ଇ- ମେଲ୍ ମାଧ୍ୟମରେ ଦୁଇଟି ପ୍ରଶ୍ନ ର ଉତର ଦିଆଯିବ ବୋଲି ସୂଚନା ଆସିଥିଲା । ତେଣୁ ଛାତ୍ରୀମାନେ ମୂଲ୍ୟାଙ୍କନକୁ ନେଇ ଦ୍ୱନ୍ଦରେ ରହିଛନ୍ତି । ତେଣୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କର୍ତ୍ତୁପକ୍ଷ ଏହାର ସ୍ୱଚ୍ଛତା ଦିଅନ୍ତୁ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଦାବି କରାଯାଇଛି । ପରୀକ୍ଷାର୍ଥୀ ମାନଙ୍କୁ ଦ୍ୱନ୍ଦରେ ନରଖି ମୂଲ୍ୟାଙ୍କନର ସ୍ୱଚ୍ଛତା ଦିଅନ୍ତୁ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସମ୍ପାଦକ ଶ୍ରୀ ଶଶିକାନ୍ତ ମିଶ୍ର ଦାବି କରିଛନ୍ତି ।

ଓଡିଶା ବିଧାନସଭା ଅଧିବେଶନ ପାଇଁ ଆଜି ଠାରୁ କରୋନା ଟେଷ୍ଟ

ଭୁବନେଶ୍ୱର,୨୬।୯ (ନି.ପ୍ର): ଆଗାମୀ ୨୯ ସେପ୍ଟେମ୍ବର ଠାରୁ ଆରମ୍ଭ ହେବାକୁ ଥିବା ମୌସୁମୀ ଅଧିବେଶନ ପୂର୍ବରୁ ଆଜି ଠାରୁ ବିଧାନସଭାରେ କରୋନା ପରୀକ୍ଷଣ ଆରମ୍ଭ ହେଉଛି । ଏଥିରେ ମନ୍ତ୍ରୀ, ବିଧାୟକ, ତାଙ୍କର ସୁରକ୍ଷାକର୍ମୀ, ଡ୍ରାଇଭରଙ୍କ ଠାରୁ ଆରମ୍ଭ କରି ବିଧାନସଭା କର୍ମଚାରୀ ମାନଙ୍କର କରୋନା ଟେଷ୍ଟ ହେଉଛି । ଏଥି ପାଇଁ ବିଭିନ୍ନ ଟିମ ଗଠନ କରା ଯାଇଛି ।

ମାର୍କେଟ ବିଲଡିଂରୁ ୨୪ଟି ଦୋକାନ ଉଚ୍ଛେଦ କଲା ବିଏମସି

ଭୁବନେଶ୍ୱର,୨୬।୯ (ନି.ପ୍ର): ଭୁବନେଶ୍ୱର ୟୁନିଟ-୨ ମାର୍କେଟ ବିଲଡିଂ ନିକଟରେ ଥିବା ନିର୍ମାଣାଧିନ ବହୁତଳ କାର ପାର୍କିଂ ପାଇଁ ୨୪ଟି ଉଠା ଦୋକାନ ଉଚ୍ଛେଦ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି) । ପାର୍କିଂ ନିର୍ମାଣରେ ବେଆଇନ୍ ନିର୍ମିତ ଦୋକାନ ଗୁଡିକ ବାଧା ସୃଷ୍ଟି କରୁଥିବାରୁ ପୋଲିସ ସହାୟତାରେ ବିଏମସି ଓ ବିଡିଏର ମିଳିତ ଟିମ୍ ଉଚ୍ଛେଦ କରିଛି । ତେବେ ଏହି ଉଚ୍ଛେଦକୁ ବେଆଇନ ଦର୍ଶାଇ ନିଖିଳ ଉତ୍କଳ ଉଠାଦୋକାନ କ୍ଷୁଦ୍ର ବ୍ୟବସାୟୀ ସଂଘ ବିରୋଧ କରିଥିଲା । ଅନ୍ୟପକ୍ଷରେ ବିଏମସି ଆସିଷ୍ଟାଣ୍ଟ କମିଶନର ଅବନୀ ପଟ୍ଟନାୟକ କହିଛନ୍ତି ଯେ ସ୍ମାର୍ଟସିଟି ପ୍ରୋଜେକ୍ଟ ପକ୍ଷରୁ ଅଭିଯୋଗ ଆସିଥିଲା ଏହି ୨୪ ଟି ଦୋକାନ୍ ଯୋଗୁଁ ନିର୍ମାଣ କାର୍ଯ୍ୟ ଅଗ୍ରଗତି ହୋଇପାରୁନାହିଁ । ତେଣୁ ଆମେ ପ୍ରଥମେ ଏହି ୨୪ ଟି ବେଆଇନ୍ ନିର୍ମିତ ଦୋକାନ୍‌କୁ ଉଚ୍ଛେଦ କରିଛୁ । ଆଗକୁ ବି ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି ।

ଗୋଟିଏ ଦିନରେ ୪୩୫୬ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୦୫୪୫୨



ଭୁବନେଶ୍ୱର,୨୬।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୩୫୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୦୫୪୫୨କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୧୬୫୪୩୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୯୧୮୪ ରହିଛି । ଆଜି ଚିହ୍ନଟ ହୋଇଥିବା ୪୩୫୬ ଜଣଙ୍କ ମଧ୍ୟରୁ ୨୫୨୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୨୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୯୦୨ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୯୭ , ବାଲେଶ୍ୱର ଜିଲ୍ଲାରେ ୧୯୪ ଜଣ, ବରଗଡ ଜିଲ୍ଲାରେ ୧୦୬ , ଭଦ୍ରକ ଜିଲ୍ଲାରେ ୧୨୪, ବଲାଙ୍ଗିର ଜିଲ୍ଲାରେ ୭୬, ବୌଦ୍ଧ ଜିଲ୍ଲାରେ ୪୯ ,କଟକ ଜିଲ୍ଲାରେ ୪୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୪. ଢେଙ୍କାନାଳ ଜିଲ୍ଲାରେ ୮୪, ଗଜପତି ଜିଲ୍ଲାରେ ୨୦, ଗଂଜାମ ଜିଲ୍ଲାରେ ୬୨, ଜଗତସିଂହପୁର ଜିଲ୍ଲାରେ ୧୭୧, ଯାଜପୁର ଜିଲ୍ଲାରେ ୧୩୬ . ଝାରସୁଗୁଡା ଜିଲ୍ଲାରେ ୧୨୦, କଳାହାଣ୍ଡି ଜିଲ୍ଲାରେ ୭୧, କନ୍ଧମାଳ ଜିଲ୍ଲାରେ ୯୧, କେନ୍ଦ୍ରାପଡା ଜିଲ୍ଲାରେ ୧୧୯,କେନ୍ଦୁଝର ଜିଲ୍ଲାରେ ୫୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୮୨ ଜଣ, ମାଲକାନଗିରି ଜିଲ୍ଲାରେ ୨୮ , ମୟୁରଭଂଜ ଜିଲ୍ଲାରେ ୧୫୩ ନବରଙ୍ଗପୁରରେ ୫୮, ନୟାଗଡ ଜିଲ୍ଲାରେ ୫୧, ନୂଆପଡା ଜିଲ୍ଲାରେ ୧୭୩, ପୁରୀ ଜିଲ୍ଲାରେ ୧୬୮, ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୭୮୩ ହେଲା

ଭୁବନେଶ୍ୱର,୨୬।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୮୩ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂ

କୃଷି ଆଇନ ବାତିଲ ଦାବୀରେ ରାଜ୍ୟବ୍ୟାପୀ ଅଗ୍ରଗାମୀ କିଷାନ ସଭା ପକ୍ଷରୁ ହରତାଳ

ଭୁବନେଶ୍ୱର,୨୬।୯ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷକ ଓ କୃଷିର ସର୍ବନାଶକାରୀ ଆଇନ ୨୦୨୦ ସମେତ କଂଟ୍ରାକ୍ଟ ଫାର୍ମିଙ୍ଗ୍ ଆକ୍ଟ ୨୦୨୦, ଅତିଆବଶ୍ୟକୀୟ ସାମଗ୍ରୀକ ସଂଶୋଧନ ଆଇନ୍ ୨୦୨୦ ବାତିଲ୍ କରିବା ଦାବୀରେ ଅଲ୍ ଇଣ୍ଡିଆ କୃଷକ ସଂଘର୍ଷ ସମନ୍ୱୟ ସମିତି ଡ଼ାକରାରେ ଆଜି ବିଭିନ୍ନ କୃଷକ ସଂଗଠନମାନଙ୍କ ପକ୍ଷରୁ ଦେଶବ୍ୟାପୀ ହରତାଳ ସଂଗଠିତ ହୋଇଯାଇଛି । ଏହି ପରିପ୍ରେକ୍ଷିରେ କୃଷକ ସଂଘର୍ଷ ସମନ୍ୱେୟ କମିଟିର ସଂଗଠନ "ଅଲ୍ ଇଣ୍ଡିଆ ଅଗ୍ରଗାମୀ କିଷାନ ସଭା" ପକ୍ଷରୁ ରାଜ୍ୟ ତମାମ ପ୍ରତିବାଦ ଆନ୍ଦୋଳନ ସଂଗଠିତ ହୋଇଯାଇଛି । ରାଜଧାନୀ ଭୁବନେଶ୍ୱରରେ ଅଗ୍ରଗାମୀ କିଷାନ ସଭାର ସାଥିମାନେ ରାଜ୍ୟ ନେତା ଜ୍ୟୋତି ରଂଜନ ମହାପାତ୍ରଙ୍କ ନେତୃତ୍ୱରେ ଲୋୟର ପି.ଏମ୍.ଜି. ଠାରୁ ମାଷ୍ଟର କ୍ୟାଟିଂନ ପର୍ଯ୍ୟନ୍ତ ଏକ ଅଭିନବ ଶୋଭାଯାତ୍ରାରେ ଯାଇ କୃଷି ଆଇନ ୨୦୨୦ର ତୀବ୍ର ବିରୋଧ କରିଛନ୍ତି । ଶୋଭାଯାତ୍ରାରେ ବିକ୍ଷୋଭ କାରିମାନେ ପ୍ରଧାନ ମନ୍ତ୍ରୀ ମୋଦୀଙ୍କର ଏକ ସାଙ୍କେତିକ ଶବ ଶୋଭାଯାତ୍ରା କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇ ମାଷ୍ଟର କ୍ୟାଟିଂନରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭ ସ୍ଥଳରେ କୃଷି ଆଇନ୍ ୨୦୨୦କୁ ଖାରଜ କରିବାକୁ ଦାବୀ କରିବା ସହ ପ୍ରଧାନ ମନ୍ତ୍ରୀ ମୋଦିଙ୍କ କୁଷ ପୁତଳିକା ଦାହ କରିଥିଲେ । ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମରେ ସର୍ବଶ୍ରୀ କୃଷକ ନେତା ଆଲୋକ ମହାପାତ୍ର, ନାରାୟଣ ଡ଼ାଲୁଆ, ବାବାଜୀ ଚରଣ ଦାସ, ଅମୀନ ଭୋଇ, ପ୍ରକାଶ ଚନ୍ଦ୍ର ଭୋଇ, କପିଳ କାଣ୍ଡି, ବିଜୟ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ । ଅନୁରୂପ ଭାବେ ଅଗ୍ରଗାମୀ କୃଷକ ସଭାର ରାଜ୍ୟ ସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲଙ୍କ ନେତୃତ୍ୱରେ ବରଗଡ଼ ଜିଲ୍ଲାର ବିଭିନ୍ନ ଅଂଚଳରେ, କୃଷକ ନେତା ଜିତେନ୍ଦ୍ରୀୟ ବେହେରାଙ୍କ ନେତୃତ୍ୱରେ ପୁରୀ ଜିଲ୍ଲାର ସଦର ମହକୁମାରେ, ସମ୍ଭୁ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଠାରେ, କୃଷକ ନେତା ସର୍ବେଶ୍ୱର ମିଶ୍ର ଏବଂ ଅନିରୁଧ ମଲ୍ଲିକଙ୍କ ନେତୃତ୍ୱରେ ବାଲେଶ୍ୱରର ସଦର ମହକୁମା ସମେତ ରାଜ୍ୟର ବିଭିନ୍ନ ଅଂଚଳରେ ଅଗ୍ରଗାମୀ କିଷାନ ସଭା ନେତୃତ୍ୱରେ କୃଷି ଆଇନ ୨୦୨୦ ବାତିଲ କରିବା ଦାବୀରେ ପ୍ରତିବାଦ ବିକ୍ଷୋଭ ସଂଗଠିତ ହୋଇଯାଇଅଛି ।

ଖେଳ ପଡିଆକୁ ଜବରଦଖଲ କଲେ ଦୁଇ ଶିକ୍ଷକ, ଅଭିଯୋଗ ପରେବି କାର୍ଯ୍ୟାନୁଷ୍ଠାନ ଶୁନ

କନ୍ଧମାଳ,୨୬।୯ (ନି.ପ୍ର): ସରକାରୀ ଜମିକୁ ଜବରଦଖଲ ମାମଲା କନ୍ଧମାଳ ଜିଲ୍ଲାରେ ବଢୁଥିବାବେଳେ ବର୍ତମାନ ପିଲାଙ୍କ ଖେଳପଡିଆକୁ ମଧ୍ୟ ଛାଡୁନାହାନ୍ତି ଜବରଦଖଲକାରୀ ସେମାନେ ପୁଣି ସରକାରୀ କର୍ମଚାରୀ । ଦୁର୍ଘ ଦିନ ଧରି ସେହି ପଡିଆରେ ଅଂଚଳର ପିଲାମାନେ ଖେଳୁଥିବାବେଳେ ସେହି ଅଂଚଳରେ ଥିବା ଦୁଇଜଣ ସରକାରୀ ଶିକ୍ଷକ ମିଶି ସେଠାରେ ଟ୍ରାକ୍ଟର ଚଲାଇବା ସହିତ ସେହି ଅଂଚଳରେ ବାଡ ଦେଇଥିବା ଜଣାପଡିଛି । ଏହି ସଂକ୍ରାନ୍ତରେ ଥାନାରେ ଏତଲା ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନ ଥିବା ଜଣପଡିଛି । ଫଳରେ ସେଠାରେ ଦୁର୍ଘ ବର୍ଷ ଧରି ଖେଳକୁଦ କରିଆସୁଥିବା ପିଲାମାନେ ଆଉ ଖେଳିବାକୁ ଯାଗା ପାଇ ପାରୁନାହାନ୍ତି । ସୁଚନା ଅନୁସାରେ କନ୍ଧମାଳ ଜିଲ୍ଲା ବାଲିଗୁଡା ତହସିଲ ଅନ୍ତର୍ଗତ ରୁତୁଙ୍ଗିଆ ଆଂଚଳରେ ଥିବା ଏକ ଖେଳ ପଡିଆକୁ ଲଙ୍ଗଳରେ ଚାଷ କରିବା ସହିତ ସେଠାରେ ବାଡ ଦିଆଯାଇଛି । ରୁତୁଙ୍ଗିଆ ଗ୍ରାମପଂଚାୟତରୁ କୁନାମାହା ମୌଜାରେ ଥିବା ଖାତା ନମ୍ବର-୫୮ ଓ ପ୍ଲଟ ନମ୍ବର-୧୪ ରେ ଥିବା ଗୋଚର ଜମିରେ ଦିର୍ଘ ବର୍ଷ ଧରି ସେଠାର ପିଲାମାନେ ଖେଳକୁଦ କରିବାସହିତ ତାକୁ ଖେଳ ପଡିଆ ଭାବରେ ବ୍ୟବହାର କରି ଆସୁଥିଲେ । ସେମାନଙ୍କ ଏହି ଖେଳ ପଡିଆକୁ ଗାଁର ଦୁଇଜଣ ଶିକ୍ଷକ ଏବଂ ଜଣେ ଗାଁ ସାଥି ସେଠାରେ ଟ୍ରାକ୍ଟର ଚଳାଇ ଚାଷ କରିବା ସହିତ ଆଉ କିଛି ଅଂଚଳରେ ବାଡ ଦେଇଛନ୍ତି । ଏହା ବିରୋଧରେ ଗ୍ରାମବାସୀ ମାନେ ବାଲିଗୁଡା ଥାନାରେ ଏତଲା ଦେବା ସହ ବାଲିଗୁଡା ତହସିଲଦାରଙ୍କୁ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ମଧ୍ୟ ଲିଖିତ ଭାବରେ ଅଭିଯୋଗ ଦେଇଛନ୍ତି । ତେବେ ଏହା ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ନେଇ ସେହି ଗ୍ରାମର ଫିଲିପ ଦିଗାଲ, ନନ୍ଦକିଶୋର ପ୍ରଧାନ ଓ ଅନ୍ୟ ଗ୍ରାମବାସୀ ମାନେ କହିଛନ୍ତି । ତେବେ କୌଣଶି ସମୟରେ ପୋଲିସ ଜବର ଦଖଲକାରୀ ଶିକ୍ଷକ ଦୁହିଁଙ୍କୁ ଥାନାକୁ ଡାକି କେବଳ ତାଗିତ୍ କରି ଛାଡିଦେଇଥିବା ସେମାନେ କହିଛନ୍ତି । ତେବେ ଏହି ବାବଦରେ ତୁରନ୍ତ କୌଣସି ପଦକ୍ଷେପ ପ୍ରଶାସନ ନ ନେଲେ ରୁତୁଙ୍ଗିଆ ଗ୍ରାମବାସୀମାନେ ଆନ୍ଦୋଳନ କରିବା ସହିତ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଥିବା ଜଣପଡିଛି ।

ପଣ୍ଡିତ୍ ଦୀନଦୟାଲ ଉପଧ୍ୟାୟଙ୍କ ୧୦୫ ତମ ଜନ୍ମଜୟନ୍ତୀ ପାଳିତ

୧୦ ହଜାର କନ୍ୟାରତ୍ନଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନାରେ ଯୋଡିବ ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୨୬।୯ (ନି.ପ୍ର): ଭାରତୀୟ ଜନତା ପାର୍ଟୀର ପ୍ରତିଷ୍ଠାତା ରାଷ୍ଟ୍ରୀୟ ସାଧାରଣ ସଂପାଦକ ପଣ୍ଡିତ୍ ଦୀନଦୟାଲ ଉପଧ୍ୟାୟଙ୍କ ୧୦୫ ତମ ଜନ୍ମଜୟନ୍ତୀ ରାଜ୍ୟବ୍ୟାପୀ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟର ଅନେକ ସ୍ଥାନରେ ପାର୍ଟୀର କାର୍ଯ୍ୟକର୍ତାମାନେ ଦୀନଦୟାଲଜୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମମାନ କରିଛନ୍ତି । ଭୁବନେଶ୍ୱରଠାରେ ବିଧାୟକ ନାଉରୀ ନାଏକ, କୁସୁମ ଟେଟେ, ଡ.ମୁକେଶ ମହାଲିଙ୍ଗ, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଓ ରବି ନାଏକ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ପଣ୍ଡିତ୍ ଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳୀ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ପବିତ୍ର ଦିବସରେ ମହିଳା ମୋର୍ଚ୍ଚା ତରଫରୁ ରାଜ୍ୟର ୧୦ ହଜାର କନ୍ୟାରତ୍ନଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନାରେ ଯୋଡିବାର ନିଷ୍ପତି ଗ୍ରହଣ କରାଯାଇଛି । ଏହି କ୍ରମରେ ଭୁବନେଶ୍ୱରର ୟୁନିଟ-୪ ମଙ୍ଗଳା ବସ୍ତିର ୧୦ରୁ ଉର୍ଦ୍ଧ କନ୍ୟାରତ୍ନଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନାରେ ଯୋଡାଯାଇଛି । ବେଟି ବଚାଓ – ବେଟି ପଢାଓ ଯୋଜନାର ଅଂଶ ବିଶେଷ ସୁକନ୍ୟା ସମୃଦ୍ଧି ଯୋଜନାରେ ୧୦ ବର୍ଷରୁ କମ୍ ବୟସ୍କ ଝିଅପିଲାମାନଙ୍କ ଭବିଷ୍ୟତ, ଉଚ୍ଚଶିକ୍ଷା ଏବଂ ବିବାହ ପାଇଁ ଆବଶ୍ୟକୀୟ ଅର୍ଥରାଶିକୁ ପୁରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହାୟତାରେ ଅର୍ଥ ସଂଚୟର ବ୍ୟବସ୍ଥା । ବର୍ଷକୁ ସର୍ବନିମ୍ନ ୨୫୦ ଟଙ୍କାରୁ ସର୍ବାଧିକ ୧,୫୦,୦୦୦ ଟଙ୍କା ଯେ କୌଣସି ପୋଷ୍ଟ ଅଫିସ କିମ୍ବା ଅଧିକୃତ ବ୍ୟାଂକରେ ଜମା କରିପାରିବେ । ଝିଅର ୧୮ ବର୍ଷ ପରେ ତାର ଉଚ୍ଚଶିକ୍ଷା ପାଇଁ ସଂଚୟ ପରିମାଣର ୫୦ ପ୍ରତିଶତ ବ୍ୟବହାର କରିବାର ବ୍ୟବସ୍ଥା ଥିବାବେଳେ ୨୧ ବର୍ଷ ବୟସ ପରେ ତାର ବିବାହ ପାଇଁ ବଳକା ସଂଚୟ ଟଙ୍କା ବ୍ୟବହାର କରିପାରିବ । ଏହି ଯୋଜନା ମାଧ୍ୟମରେ ବିଶେଷ କରି ସ୍ୱଳ୍ପ ଓ ମଧ୍ୟ ଆୟ ବର୍ଗ ଏବଂ ଗରୀବ ପିତାମାତାମାନେ ବହୁ ଉପକୃତ ହୋଇପାରିବେ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି । ଏହି ଅବସରରେ ଜିଲ୍ଲା ସଭାପତି ବାବୁ ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରଶ୍ମୀରଂଜନ ମହାପାତ୍ର, ମହିଳା ମୋର୍ଚ୍ଚାର କସ୍ତୁରୀ ମିଶ୍ର, ଶଶିପ୍ରଭା ରଥ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

ଭାଗବତ ପ୍ରସାଦ ନନ୍ଦଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୬।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସର୍ବୋଦୟ ନେତା ଭାଗବତ ପ୍ରସାଦ ନନ୍ଦଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ନନ୍ଦ ମାଟିର ମହାନ ପୁତ୍ର ସହିତ ବହୁ ପ୍ରତିଭାର ଅଧିକାରୀ ଥିଲେ । ଓଡିଶାରେ ଭୂ ଦାନ୍ ଆନ୍ଦୋଳନ ସହିତ ତାଙ୍କର ଯୋଗଦାନ ଗରିବ, ଭୂମିହୀନ ଚାଷୀଙ୍କ ପ୍ରତି ତାଙ୍କର ଚିନ୍ତାକୁ ଦର୍ଶାଉଛି । ସେ ତାଙ୍କ ଜୀବନସାରା ଅନେକ ବୃତି ଅନୁସରଣ କରିଥିଲେ । ତାଙ୍କର ଦେହାନ୍ତ ଆମ ରାଜ୍ୟ ପାଇଁ ଏକ ବଡ କ୍ଷତି ଯାହା ଭବିଷ୍ୟତରେ ପୂରଣ ହୋଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସ୍ୱର୍ଗତ ନନ୍ଦଙ୍କ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

ଘରୋଇ କଂପାନୀ - ସରକାର ମଧୁଚନ୍ଦ୍ରିକାରୁ ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାବାସୀଙ୍କ ଜୀବନ ,ଜୀବିକା ସଂକଟରେ : ବିଜେପି

ଭୁବନେଶ୍ୱର,୨୬।୯ (ନି.ପ୍ର): ଶିଳ୍ପ ପ୍ରତିଷ୍ଠା ହେଉଛି ରାଜ୍ୟର ବିକାଶ ପାଇଁ, ସ୍ଥାନୀୟ ଅଂଚଳବାସିଙ୍କ ବିକାଶ ପାଇଁ । ମାତ୍ର ଲାଭାନ୍ୱିତ ହେଉଛନ୍ତି କିଛି ନ୍ୟାସ୍ତସ୍ୱାର୍ଥ ଶାସକ ଦଳର ନେତା, ମାଫିଆ ଏବଂ ନିର୍ଦ୍ଦିଷ୍ଟ ଘରୋଇ କଂପାନୀମାନେ । ଶିଳ୍ପ କାରଖାନାରୁ ନିର୍ଗତ ପାଉଁଶ ଗଦା ହୋଇ ଧନଜୀବନ ପ୍ରତି ବିପଦ ହୋଇପଡିଛି । ବିନା ଅନୁମତିରେ ଜିଲ୍ଲାର ବିଭିନ୍ନ ଗୋଚର ଓ ଜଙ୍ଗଲ ଜମିରେ ଅନାବଶ୍ୟକ ଓ ବିଷାକ୍ତ ପାଉଁଶ ଗଦା ହୋଇ କୃତ୍ରିମ ପାହାଡ ସୃଷ୍ଟି ହୋଇଛି । ଏହା ଦ୍ୱାରା ପାନୀୟ ଜଳ, ପରିବେଶ ଆଦି ପ୍ରଭାବିତ ହୋଇ ସ୍ଥାନୀୟବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଅତି ଗୁରୁତର ହେବା ସହ ବିପଦରେ ପଡିଛି । ଏପରିକି ଚାଷଜମିରେ ବିଷାକ୍ତ ପାଉଁଶ ପାଣି ମାଡିଯିବାରୁ ବ୍ୟାପକ କ୍ଷୟକ୍ଷତି ହେଉଛି । ସ୍ଥାନୀୟ ବାସିନ୍ଦାମାନେ ଏହାକୁ ବିରୋଧ କଲେ, ସେମାନଙ୍କୁ ମାରି ଦିଆଯିବାର ଧମକ ଦିଆଯାଉଛି । ଏଥିରେ ଶାସକ ବିଜେଡି ଦଳର କିଛି ପ୍ରଭାବଶାଳୀ ନେତା, ମାଫିଆ ଓ ଗୁଣ୍ଡାମାନେ ସଂପୃକ୍ତ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ରବି ନାଏକ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ରବି ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଚଳିତ ମାସ ୯ ଏବଂ ୧୩ ତାରିଖ ଦୁଇ ଦିନ ଧରି ଝାରସୁଗୁଡା ଏବଂ ସମ୍ବଲପୁର ଜିଲ୍ଲାର ବିଭିନ୍ନ ପାଉଁଶ ଗଦା ହୋଇଥିବା ଅଂଚଳ ଗସ୍ତ କରି ବାସ୍ତବ ସ୍ଥିତି ନିରିକ୍ଷଣ କରିଥିଲେ । ଏହି ପ୍ରତିନିଧି ଦଳ ଝାରସୁଗୁଡା ଜିଲ୍ଲାର ଫଂଚପଡା, କଟିକେଲା, ସିରିଆପାଲି ଏବଂ ସମ୍ବଲପୁର ଜିଲ୍ଲାର ଶ୍ରୀପୁରା, ଡେର୍ବା, ଗୁମକୁର୍ମା, ଲାରିଆପାଲି, ଗୁଲାମାଲ୍ ଆଦି ଅଂଚଳ ପରିଦର୍ଶନ କରିଥିଲେ । ଏହି ପ୍ରତିନିଧି ଦଳରେ ବିଧାୟକ ନାଉରୀ ନାଏକ, କୁସୁମ ଟେଟେ, ଶଂକର ଓରାମ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ ଏବଂ ପରବର୍ତୀ ସମୟରେ ସାଂସଦ ସୁରେଶ ପୁଜାରୀ ଏବଂ ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ ପ୍ରମୁଖ ସାମିଲ ହୋଇଥିଲେ । ଗତ ୧୨ ତାରିଖ ଦିନ ବେଦାନ୍ତ କାରଖାନାରୁ ନିର୍ଗତ ହୋଇଥିବା ବିଷାକ୍ତ ପାଉଁଶ ଝାରସୁଗୁଡା ଜିଲ୍ଲା କଲେକ୍ଟର ଏବଂ କୋର୍ଟ ପଛ ପାର୍ଶ୍ୱସ୍ଥିତ ଫଂଚପଡା ଡଂପିଙ୍ଗ ୟାର୍ଡ ନିକଟସ୍ଥ କପୁମାଲ ନାଳରେ ମିଶି ପ୍ରଭାହିତ ପାଣିକୁ ଦୁଷିତ ହୋଇଥିଲା । ପିଏଚଡି ଦ୍ୱାରା ଏହି ଦୁଷିତ ଓ ବିଷାକ୍ତ ପାଣିକୁ ଝାରସୁଗୁଡା ସହର ଭିତର ଅନେକାଂଚଳକୁ ପାନୀୟ ଜଳ ଯୋଗାଣ କରାଯାଇଥିବା କାରଣରୁ ବହୁ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥିଲା ବୋଲି ପ୍ରତିନିଧି ଦଳର ଅନ୍ୟତମ ସଦସ୍ୟ ବିଧାୟକ ନାଉରୀ ନାଏକ କହିଛନ୍ତି । ଏ ସମସ୍ତ ବେଆଇନ ଏବଂ ନିୟମ ଉଲ୍ଲଂଘନକାରୀ କାର୍ଯ୍ୟ ଶାସକ ଦଳର ଜଣେ ପ୍ରଭାବଶାଳୀ ମନ୍ତ୍ରୀ, କିଛି ନିର୍ଦ୍ଦିଷ୍ଟ ନେତା ଓ ମାଫିଆଙ୍କ ପ୍ରରୋଚନାରେ କରାଯାଉଛି । ସ୍ଥାନିୟବାସିନ୍ଦା ଏବଂ ଗ୍ରାମବାସୀ ଏହାକୁ ବିରୋଧ କଲେ ତାଙ୍କୁ ମାରି ଦେବାର ଧମକ ଦେଇ ଭୟଭୀତ କରାଯାଉଛି ବୋଲି ରାଜ୍ୟ ସଂପାଦକ ଶ୍ରୀ ଟଙ୍କଧର ତ୍ରିପାଠୀ ଅଭିଯୋଗ କରିଛନ୍ତି । ଉଭୟ ଜିଲ୍ଲାର ପ୍ରଶାସନ ଉପରୋକ୍ତ ନିୟମ ଖିଲାପକାରିଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ କଂପାନୀ ପ୍ରିତୀର ପରିଚୟ ଅଟେ । ରାଜ୍ୟ ସରକାର ତୁରନ୍ତ ଏଭଳି ଗୁରୁତର ସଂକଟର ସମସ୍ୟା ପାଇଁ ହସ୍ତକ୍ଷେପ କରି ବିହୀତ ପଦକ୍ଷେପ ଗ୍ରହଣ କରିବା ସହ ଦୋଷୀ ଏବଂ ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରାଯାଇଛି । ଉଭୟ ଜିଲ୍ଲାର ବାସ୍ତବ ସମସ୍ୟାକୁ ଅନ୍ୟାନ୍ୟ ଉପଯୁକ୍ତ ସ୍ଥାନରେ ଉପସ୍ଥାପନା କରାଯାଇ ସମସ୍ୟାର ସମାଧାନ ପାଇଁ ବିଜେପି ସମସ୍ତ ପ୍ରୟାସ ଜାରି ରଖିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ନୂତନ କୃଷି ବିଲ୍ କୁ ବିରୋଧ କରି ଗଞ୍ଜାମରେ ଚାଷୀ ଆନ୍ଦୋଳନ

ଗଞ୍ଜାମ,୨୬।୯ (ନି.ପ୍ର): ଭାରତ ସରକାର ସଂସଦରେ ପାରିତ କରିଥିବା କୃଷି ବିଲ୍ କୁ ବିରୋଧ କରି ଆଜି ଦେଶବ୍ୟାପୀ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ଓ ଭାରତ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଏହାର ସମର୍ଥନରେ ଗଞ୍ଜାମ ଜିଲ୍ଲାରେ ମଧ୍ୟ ନବ ନିର୍ମାଣ କୃଷକ ସଂଗଠନ ଓ ଅନ୍ୟାନ୍ୟ କୃଷକ ସଂଗଠନ ସମେତ ବିଭିନ୍ନ ରାଜନୈତିକ ଦଳ ତଥା କଂଗ୍ରେସ ଓ ବାମପନ୍ଥୀ ଦଳ ମାନେ ଏହି ଆନ୍ଦୋଳରେ ସାମିଲ୍ ହୋଇ ବ୍ରହ୍ମପୁର ମୁଖ୍ୟ ରାସ୍ତାରେ ସମବେତ ହୋଇ ରାସ୍ତା ଅବରୋଧ କରିଛନ୍ତି । ଏବଂ ଏହି ନୂତନ କୃଷି ବିଲ୍ କୁ ତୁରନ୍ତ କେନ୍ଦ୍ର ସରକାର ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି । ଏହି ଆନ୍ଦୋଳନରେ ବିଜେପି ଓ ବିଜେଡ଼ି ପକ୍ଷରୁ କୌଣସି ସହଯୋଗ କରାଯାଇନଥିବା ଜଣାପଡିଛି ।

ବିଜୁ ଛାତ୍ର ଜନତା ଦଳ ପୁନର୍ଗଠିତ

ଭୁବନେଶ୍ୱର,୨୬।୯ (ନି.ପ୍ର): ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଛାତ୍ର ଜନତା ଦଳର ନୂତନ ରାଜ୍ୟ କର୍ମକର୍ତା ଏବଂ ଜିଲ୍ଲା ସଭାପତି ମାନଙ୍କୁ ନିଯୁକ୍ତି ଦେଇଛନ୍ତି । ଚାନ୍ଦବାଲି ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (ଛାତ୍ର ବ୍ୟାପାର) ବ୍ୟୋମକେଶ ରାୟ ଏକ ପ୍ରେସ୍ ଇସ୍ତାହାରରେ ଏସମ୍ପର୍କରେ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ଅବିନାଶ ଠାକୁର, ପ୍ରଶାନ୍ତ ପଣ୍ଡାଓ ରାଜେଶ ରାଜ ସ୍ୱାଇଁଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଇପସିତା ସାହୁ ମହାସଚିବ ବରିଷ୍ଠ ଉପସଭାପତି ଭାବେ ଅଜିତ୍ ବେହେରା, ବିଶ୍ୱ ପ୍ରତାପ ସାହୁ ଓ ସ୍ୱାଗତିକା ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି । ଏମାନଙ୍କ ବ୍ୟତୀତ ୬ ଜଣ ଜୋନ୍ ସଭାପତି, ୧୧ ଜଣ ଉପସଭାପତି, ୪୦ ଜଣ ସାଧାରଣ ସମ୍ପାଦକ, ୪୪ ଜଣ ସମ୍ପାଦକ, ୩୩ ଜଣ ଯୁଗ୍ମ ସମ୍ପାଦକ ଏବଂ ୩୨ ଟି ସାଂଗଠନିକ ଜିଲ୍ଲାର ସଭାପତି ମାନଙ୍କୁ ନିଯୁକ୍ତି ମିଳିଛି ।

ସଂଜୟ କୁମାର ଦାସବର୍ମା କରୋନା ସଂକ୍ରମିତ

ଭୁବନେଶ୍ୱର,୨୬।୯ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଂଜୟ କୁମାର ଦାସବର୍ମା ଶୁକ୍ରବାର ଦିନ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏସମ୍ପର୍କରେ ଶ୍ରୀ ଦାସବର୍ମା ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସେ ଏବେ ପୃଥକବାସରେ ରହିଛନ୍ତି । ଏଣୁ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ତାଙ୍କର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ବାତିଲ ହୋଇଛି । ଶ୍ରୀ ଦାସବର୍ମା ନିକଟ ଅତୀତରେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ପୃଥକବାସରେ ରହିବା ପାଇଁ ଅନୁରୋଧ କରିଛନ୍ତି ।

ତିର୍ତୋଲ-ପୋଷଳ-ଶଙ୍ଖେଶ୍ୱର ରାସ୍ତାର ମହାନଦୀ ଉପରେ ଉଚ୍ଚସେତୁ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୬।୯ (ନି.ପ୍ର): ରାଜ୍ୟ ସରକାର ଜଗତସିଂହପୁର ଜିଲ୍ଲାର ତିର୍ତୋଲ-ପୋଷଳ-ଶଙ୍ଖେଶ୍ୱର ରାସ୍ତାର ମହାନଦୀ ଉପରେ ଏକ ଉଚ୍ଚସେତୁ ନିର୍ମାଣ କରିବା ପାଇଁ ମଞ୍ଜୁରୀ ଦେଇଛନ୍ତି । ଏହି ସେତୁର ଅଟକଳ ମୂଲ୍ୟ

ସ୍ୱାସ୍ଥ୍ୟବର୍ଦ୍ଧକ ପାଚିଲା ଅମୃତଭଣ୍ଡା

ଆମ ଆଖପାଖରେ ସହଜରେ ସୁଲଭ ହେଉଥିବା ଫଳ ପାଚିଲା ଅମୃତଭଣ୍ଡା । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ବର୍ତ୍ତମାନ କରୋନା ସଂକଟ କାଳରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ସମସ୍ତେ ଚାହାନ୍ତି । ତେଣୁ ପ୍ରଚୁର ପରିମାଣରେ ପାଚିଲା ଅମୃତଭଣ୍ଡା ଖାଇବା ଦରକାର । ଏହା ସହିତ ପାଚିଲା ଅମୃତଭଣ୍ଡାରେ ଅନ୍ୟାନ୍ୟ ଅନେକ ଉପାଦାନ ରହିଛି, ଯାହ ଆମକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଉପଯୋଗୀ ।

କୋଲେଷ୍ଟ୍ରୋଲ୍ କମ୍ କରେ:

କୋଲେଷ୍ଟ୍ରୋଲ୍ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ ସହ ଅନ୍ୟ ଅନେକ ପ୍ରକାର ହୃଦ୍‌ରୋଗର ଆଶଙ୍କା ବଢ଼ାଏ । ମାତ୍ର ପାଚିଲା ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି ଓ ଆଣ୍ଟି-ଅକ୍ସିଡାଣ୍ଟ ରକ୍ତଶିରାରେ କୋଲୋଷ୍ଟ୍ରୋଲ୍ ଜମା ହେବାକୁ ଦିଏ ନାହିଁ ।

ଓଜନ ହ୍ରାସରେ ସହାୟକ:

ଓଜନ କମ୍ କରି ସ୍ଲିମ୍ ଫିଟ୍ ଶରୀର କିଏ ନ ଚାହେଁ ? ଏଥିପାଇଁ ଲୋକମାନେ ନାନା ରକମର ଉପାୟ ଅବଲମ୍ବନ କରିବାକୁ ପଛାଇ ନଥାନ୍ତି । କିଏ ସକାଳୁ ସକାଳୁ ୱାକିଂ, ଜଗିଂ କରେ ତ ଆଉ କିଏ ଜିମ୍ ଯାଏ । କେହି କେହି ପୁଣି ନାନା ପ୍ରକାର ଯୋଗାଭ୍ୟାସ, ପ୍ରାଣାୟମ ଆଦି କରନ୍ତି । ଆଉ କିଛି ଡାଏଟିସିଆନ୍, ଫିଟ୍‌ନେସ୍ ଟ୍ରେନର୍, ଡାକ୍ତରଙ୍କ ପରାମର୍ଶରେ ସନ୍ତୁଳିତ ଖାଦ୍ୟ ଖାଆନ୍ତି । ତେବେ ଓଜନ କମ୍ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ପ୍ରତ୍ୟହ ଅମୃତଭଣ୍ଡା ଖାଇବା ଉଚିତ । କାରଣ ଏଥିରେ କ୍ୟାଲୋରି ବହୁତ କମ । ତା' ଛଡ଼ା ଅମୃତଭଣ୍ଡାରେ ମହଜୁଦ୍ ଥିବା ଫାଇବର୍ ଆପଣଙ୍କୁ ତାଜା ଓ ସ୍ଫୁର୍ତ୍ତି ଅନୁଭବ ଦିଏ । ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ:

ପ୍ରତିରୋଧକ ତନ୍ତ୍ର ରୋଗ ସୃଷ୍ଟିକାରୀ ସଂକ୍ରମଣ ବିରୋଧରେ ଢାଲ ଭଳି କାମ କରିଥାଏ । ପାଚିଲା ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବା ସହିତ ପ୍ରତିରୋଧକ ତନ୍ତ୍ରକୁ ମଜବୁତ୍ କରିଥାଏ ।ଏହି କରୋନା ସଙ୍କଟ ସମୟରେ ସମସ୍ତେ ଚାହୁଁଛନ୍ତି ନିଜର ଓ ପରିବାର ସଦସ୍ୟଙ୍କର ରୋଗ ପ୍ରତିରୋଧକ ଶକ୍ତି କିଭଳି ବଢ଼ାଇବେ । ଏଥିପାଇଁ ଅନେକ ଲୋକ ଔଷଧ କିଣି ଖାଇବାରେ ଲାଗିଛନ୍ତି ଆଉ କେତେକ ଚା' ରେ ତୁଳସୀ ପତ୍ର, ଲେମ୍ବୁ ରସ ପିଇବାକୁ ଉଚିତ ମନେ କରୁଛନ୍ତି । କେହି କେହି ଦୈନିକ ଭୋଜନରେ ଲେମ୍ବୁ ସାମିଲ ପସନ୍ଦ କରୁଛନ୍ତି । କିଛି ଲୋକ ତ ଗିଲୟ, ଅଁଳା ଜୁସ୍ ନିୟମିତ ପିଉଛନ୍ତି । ଏପରି ସ୍ଥଳେ ଆପଣ ଅମୃତଭଣ୍ଡା ଖାଆନ୍ତୁ ଓ ପରିବାରର ଅନ୍ୟମାନଙ୍କୁ ଖୁଆନ୍ତୁ । ଏହା ଦ୍ୱାରା ରୋଗ ପ୍ରତରୋଧକ ଶକ୍ତି ନିଶ୍ଚୟ ବୃଦ୍ଧି ପାଇବ ।

ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ:

ମଧୁମେହ ରୋଗୀଙ୍କ ପାଇଁ ପାଚିଲା ଅମୃତଭଣ୍ଡା ବେଶ୍ ଲାଭଦାୟକ । ମଧୁମେହ ଭୋଗୁଥିବା ବ୍ୟକ୍ତିମାନେ ଏହାକୁ ଦୈନନ୍ଦିନ ଭୋଜନରେ ସାମିଲ୍ କରିପାରିବେ । ସାଧାରଣତଃ ଡାକ୍ତରମାନେ ମଧୁମେହ ଭୋଗୁଥିବା ବ୍ୟକ୍ତିଙ୍କୁ ଆମ୍ବ, ପଣସ, ସପେଟା ଭଳି ମିଠାଫଳ ଖାଇବାକୁ ବାରଣ କରିଥାନ୍ତି । ମାତ୍ର ଅମୃତଭଣ୍ଡା ମିଠା ଫଳ ହୋଇଥିବା ସତ୍ତ୍ୱେ ଏଥିରେ ସୁଗାର୍‌ର ମାତ୍ରା ସ୍ୱଳ୍ପ ତେଣୁ ଡାଏବେଟିସ୍ ପୀଡ଼ିତ ବ୍ୟକ୍ତିମାନେ ଏହାକୁ ଖାଇବାରେ କୌଣସି ଅସୁବିଧା ନାହିଁ ।

> ଇଟାଲୀୟ ନାବିକ କ୍ରିଷ୍ଟୋଫର୍ କଲମ୍ବସ୍ ଥରେ କହିଥିଲେ, 'ପାଚିଲା ଅମୃତଭଣ୍ଡା ଦେବଦୂତଙ୍କ ଫଳ ।' ଏହା ଏମିତି ଏକ ଫଳ, ଯେଉଁଥିରେ ଭିଟାମିନ୍ ସି ପ୍ରଚୁର ମାତ୍ରାରେ ମହଜୁଦ ଅଛି । କେବଳ ଭିଟାମିନ୍ ସି କାହିଁକି, ଅମୃତଭଣ୍ଡାରେ ଆହୁରି ଅନେକ ଗୁଣ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ହିତକର ।

ଦୃଷ୍ଟିଶକ୍ତିକୁ ସୁରକ୍ଷିତ ରଖେ:

ବୟସ ବଢ଼ିବା ସହିତ ଆମର ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲାଗେ । ଏଭଳି କ୍ଷେତ୍ରରେ ଅମୃତଭଣ୍ଡାରେ ଥିବା ପ୍ରଚୁର ପରିମାଣରେ ଭିଟାମିନ୍ ଏ ଆମର ଦୃଷ୍ଟିଶକ୍ତିକୁ ସୁରକ୍ଷିତ ରଖେ । ଅମୃତଭଣ୍ଡାକୁ ପ୍ରତ୍ୟହ ଖାଦ୍ୟରେ ସାମିଲ୍ କରି ଆମେ ଏହି ଅସୁବିଧା ଦୂର କରିପାରିବା ।

ପାଚନ ଶକ୍ତି ବଢ଼ାଏ:

ଜଙ୍କ୍‌ଫୁଡ୍, ତେଲଛଣା ଖାଦ୍ୟ ପାଚକ ତନ୍ତ୍ର ପାଇଁ କ୍ଷତିକାରକ । ଏହା ଜାଣିବା ସତ୍ତ୍ୱେ ଆଧୁନିକ ଜୀବନଶୈଳୀରେ ଏଭଳି ଖାଦ୍ୟଠାରୁ ଆମେ ମୁହଁ ଫେରାଇ ନେଇପାରୁ ନାହୁଁ । ଅନେକ ଥର ଆମେ ବାଧ ହୋଇ ଏଭଳି ଖାଦ୍ୟ ଖାଉ, ଯାହା ଜଙ୍କ୍‌ଫୁଡ୍ ଶ୍ରେଣୀର ନଚେତ୍ ଅଧିକ ତେଲରେ ଛଣା ହୋଇଥିବା ଖାଦ୍ୟ । ତେବେ ଦୈନିକ କିଛି ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଜଙ୍କଫୁଡ୍ ଖାଦ୍ୟଜନିତ ପାର୍ଶ୍ୱ ପ୍ରତିକ୍ରିୟା ଦୂର ହୋଇଥାଏ । କାରଣ ପାଚିଲା ଅମୃତଭଣ୍ଡାରେ ପ୍ରଚୁର ପରିମାଣର ଫାଇବର ସାଙ୍ଗକୁ ପପେନ୍ ନାମକ ଏକ ଏନ୍‌ଜାଇମ୍ ଥାଏ, ଯାହା ପାଚକ ତନ୍ତ୍ରକୁ ମଜବୁତ୍ କରି ପାଚନ ଶକ୍ତି ବଢ଼ାଇଥାଏ ।

ବୟସ ବୃଦ୍ଧି ଲକ୍ଷଣକୁ ରୋକେ:

ଆମେ ସମସ୍ତେ ସବୁଦିନ ଯୁବକ ଭଳି ଦିଶିବାକୁ ବା ଯୌବନାବସ୍ଥାକୁ ଧରି ରଖିବାକୁ ଚାହୁଁ । ମାତ୍ର ଏହା ସମ୍ଭବ ହୁଏ ନାହିଁ ଓ ବୟସ ବୃଦ୍ଧିର ଲକ୍ଷଣ ଆମ ଶରୀରରେ ଫୁଟିଉଠେ । ଦୈନିକ କିଛି ପରିମାଣର ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଏଭଳି ସମସ୍ୟାକୁ କିଛି ପରିମାଣରେ ରୋକା ଯାଇପାରିବ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ବିଟା-କ୍ୟାରୋଟିନ୍ ଭଳି ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ଥିବାରୁ ବୟସ ବୃଦ୍ଧି ଜନିତ କୁଞ୍ଚିତ ଚର୍ମକୁ ରେଖାରୁ ଦୂରେଇ ରଖିଥାଏ । ବୟସ ତୁଳନାରେ ଆପଣ ଅଧିକ ଯୁବକ ଦେଖାଯିବାରେ ସହାୟତା କରିଥାଏ । ଏହା ମଧ ଏକ ଉତ୍କୃଷ୍ଟ ପ୍ରସାଧନ ସମଗ୍ରୀ ଭଳି କାମ କରିଥାଏ । ପାଚିଲା ଅମୃତଭଣ୍ଡାକୁ ପେଷ୍ଟ କରି ମୁହଁରେ ଲଗାଇଲେ ମୁହଁର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ ।

ଋତୁସ୍ରାବ ଯନ୍ତ୍ରଣା କମ୍ କରେ:

ମାସିକ ଋତୁସ୍ରାବବେଳେ ଯନ୍ତ୍ରଣା ଭୋଗିବା ମହିଳାମାନଙ୍କ ପାଇଁ ଏକ ସାଧାରଣ ସମସ୍ୟା । ଏହି ସମୟରେ ମହିଳାମାନେ ସେମାନଙ୍କ ଖାଦ୍ୟ ତାଲିକାରେ ପାଚିଲା ଅମୃତଭଣ୍ଡା ସାମିଲ୍ କରି ଯନ୍ତ୍ରଣାରୁ ଉପଶମ ପାଇପାରିବେ । ଏଥିରେ ଥିବା ପପେନ୍ ନାମକ ଏନ୍‌ଜାଇମ୍ ପେନ୍‌କିଲର୍ ଭଳି କାମ କରେ ।

କ୍ୟାନ୍‌ସର ଆଶଙ୍କା କମ୍ କରେ :

ପାଚିଲା ଅମୃତଭଣ୍ଡାରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ, ଫିଟୋନ୍ୟୁଟ୍ରିଏଣ୍ଟ୍ ଏବଂ ଫ୍ଲାଭୋନୋଏଡ୍‌ସ ପ୍ରଚୁର ମାତ୍ରାରେ ରହିଛି । କ୍ୟାନ୍‌ସର ଆଶଙ୍କାକୁ କମ୍ କରିଥାଏ । ପାଚିଲା ଅମୃତଭଣ୍ଡା ସେବନ ଦ୍ୱାରା କୋଲନ୍ ଏବଂ ପ୍ରୋଷ୍ଟେଟ୍ କ୍ୟାନ୍‌ସର ଆଶଙ୍କା କମ୍ ହୁଏ ବୋଲି ଏକ ଅଧ୍ୟୟନରୁ ମଧ ଜଣାପଡ଼ିଛି ।

ଦୁଶ୍ଚିନ୍ତା ଦୂର କରିଥାଏ:

ସାରା ଦିନ ଧାଁ ଦୌଡ଼, କାମର ଚାପ, ପାରିବାରିକ ଜଞ୍ଜାଳ, ଦୁଶ୍ଚିନ୍ତା, ଶାରୀରିକ ଥକାପଣ ଦୂର କରିବା ପାଇଁ ଚାହୁଁଛନ୍ତି ? ଘରକୁ ଫେରି ଗୋଟିଏ ପ୍ଲେଟ୍ ପାଚିଲା ଅମୃତଭଣ୍ଡା ଖାଆନ୍ତୁ । ଏହି ଅଦ୍ଭୁତ ଫଳରେ ରହିଛି ଟେନ୍‌ସନ୍ ଓ ଥକାପଣ ଦୂର କରିବାର ଶକ୍ତି । ୟୁନିଭର୍‌ସିଟି ଅଫ୍ ଅଲ୍‌ବାମାର ଏକ ଅଧ୍ୟୟନ ଅନୁସାରେ ୨୦୦ ମିଲିଗ୍ରାମ୍ ଭିଟାମିନ୍ ସି ଷ୍ଟ୍ରେସ୍ ହର୍‌ମୋନ ସଞ୍ଚାଳନ କରିବାକୁ ସକ୍ଷମ । ପୂର୍ବରୁ ଉଲ୍ଲେଖ କରିଛୁ, ପାଚିଲା ଅମୃତଭଣ୍ଡାରେ ପର୍ଯ୍ୟାପ୍ତ ପରିମାଣରେ ରହିଛି ଭିଟାମିନ୍ ସି ।

ନେଦରଲାଣ୍ଡର ଲୋକେ ଅଧିକ କଫି ପିଇଥାନ୍ତି

ବିଭିନ୍ନ ଦେଶରେ ଜଳବାୟୁ ନେଇ ଖାଦ୍ୟ ପାନୀୟର ମଧ୍ୟ ଫରକ ଆସିଥାଏ । ଶୀତ ପ୍ରଧାନ ଦେଶର ଲୋକମାନେ ଯାହା ଖାଇଥାନ୍ତି କି ପିଇଥାନ୍ତି ଗ୍ରୀଷ୍ମପ୍ରଧାନ ଦେଶରେ ତାହା ଫରକ ନଥାନ୍ତି । କିନ୍ତୁ ଏମିତି କିଛି ଦେଶ ଅଛି ଯେଉଁଠାରେ ବିଭିନ୍ନ ପାନୀୟର ବ୍ୟବହାରକୁ ନେଇ ରହିଛି କମ ବା ବେଶୀର ହାର । ନେଦରଲାଣ୍ଡର ଲୋକମାନେ ବେଶୀ ପରିମାଣରେ କଫି ପିଉଥିବା କଥା ଏକ ସର୍ଭେରୁ ଜଣାପଡ଼ିଛି । ହାରାହାରି ପ୍ରତ୍ୟେକ ଲୋକ ଦୈନିକ ୨.୫ କପ କଫି ପିଇଥାନ୍ତି । ଠିକ୍ ତା ଚଳକ ଫିନଲାଣ୍ଡ ୧.୮ ଓ ସ୍ୱିଡେନ ୧.୩ କପ କଫି ପିଇଥାନ୍ତି ।

ବାସ୍ତୁବିଚାର: ପାଇଖାନା ଓ ଗାଧୁଆ ଘର

ବାସ୍ତୁରେ ପ୍ରତ୍ୟେକ ବିଷୟକୁ ବିଚାରକୁ ନିଆଯାଇ ଭଲମନ୍ଦର ବ୍ୟବସ୍ଥା କରାଯାଇଥାଏ । କେଉଁ ପ୍ରକାର ବିଧିବ୍ୟବସ୍ଥା ଗ୍ରହଣ କଲେ କେଉଁ ଫଳ ମିଳିପାରିବ, ସେଥିପାଇଁ ବାସ୍ତୁରେ ପ୍ରତ୍ୟେକ ବିଚାର ବାବଦରେ ଆଲୋଚନା କରାଯାଇଛି । ଘରେ ବ୍ୟବହାର କରୁଥିବା ପାଇଖାନା ଓ ଗାଧୁଆଘର କିପରି, କେଉଁ ଜାଗାରେ ତିଆରି କଲେ ପରିବାର ପ୍ରତି କୌଣସି ବିପଦ ପଡ଼ିବ ନାହିଁ କି କାହାର ଅମଙ୍ଗଳ ଘଟିବ ନାହିଁ ସେଥିପ୍ରତି ଧ୍ୟାନଦେବା ଜରୁରୀ ବୋଲି ବାସ୍ତୁବିତ୍‌ମାନେ ଏଥିପ୍ରତି ଧ୍ୟାନ ଦେଇଛନ୍ତି । ଯଦି ନିଜର ଇଚ୍ଛାନୁସାରେ ଭୁଲ ଦିଗରେ ବା ନିଜକୁ ସୁହାଇବା ଭଳି କାମ କରିବା ତା' ହେଲେ ଭଲ ବଦଳରେ ମନ୍ଦକୁ ଆହ୍ୱାନ କରିବାକୁ ପଡ଼େ । ସେଥିପାଇଁ କେତେ କଥା ପ୍ରତି ଧ୍ୟାନଦେବା ଜରୁରୀ । ପ୍ରକୃତରେ ଦେଖିବାକୁ ଗଲେ ପାଇକାନା ଓ ଗାଧୁଆଘରକୁ ଶୋଇଘର ଭିତରେ କରିବା କଥା ନୁହେଁ । ଆଜିକାଲି ନିଜର ସୁବିଧା ପାଇଁ ଆଟାଚ୍ କରି ଟଏଲେଟ୍ ଓ ବାଥରୁମ୍‌କୁ ସିନା ବେଡ୍‌ରୁମ୍ ସହିତ କରିଦେଉଛନ୍ତି କିନ୍ତୁ ତାହା କରିବା ଅନୁଚିତ୍ ।

- ବ୍ୟବହାର କରୁଥିବା କମୋଡକୁ ଉତ୍ତର-ଦକ୍ଷିଣ ମୁହାଁ କରି ବସାନ୍ତୁ ।
- ପାଇଖାନା ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହେବା ଦରକାର ।
- ୧-୨ ଫୁଟ ଭୂମିଠାରୁ ଉଚ୍ଚରେ ପାଇଖାନା ବସାଇବା ଦରକାର ।
- ଟାଙ୍କି କିମ୍ବା ଟ୍ୟାପ୍‌କୁ ପୂର୍ବ, ଉତ୍ତର କିମ୍ବା ଉତ୍ତର-ପୂର୍ବଦିଗରେ ବସାଇବା ଦରକାର ।
- ଲାଇଟ୍ କଲର ଦେଲେ ଭଲ କିନ୍ତୁ ନିଜ ଇଚ୍ଛାନୁସାରେ ଦେଲେ କିଛି ଅସୁବିଧା ନାହିଁ ।
- ପୂର୍ବ, ପଶ୍ଚିମ କିମ୍ବା ଉତ୍ତରଦିଗରେ ଛୋଟ ଝର୍କା ବା ଏକଜଷ୍ଟର ଫ୍ୟାନ୍ ଲଗାଇବା ଦରକାର ।
- ପୂଜାଘର, ଶୋଇବା ଘର ପାଖରେ ଗାଧୁଆଘର କରିବା ଅନୁଚିତ ।
- ପାଣି ଟ୍ୟାପ୍‌ରୁ ଅନବରତ ପାଣି ବୋହିବାକୁ ରୋକିବା ଦରକାର ।
- ପାଇଖାନାକୁ ରୋଷେଇଘର ମୁହାଁମୁହିଁ କରିବା ଅନୁଚିତ ।

ପ୍ରାଚୀନ ପୀଠ ବେନୁପଡ଼ା ଗାଦି

ସାଧୁ ସନ୍ଥମାନଙ୍କର ସାଧନା କ୍ଷେତ୍ରର ଏକ ଆକର୍ଷଣ ରହିଛି । ଆମ ରାଜ୍ୟର ବେନୁପଡ଼ା ଗାଦି ପୀଠ: ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ଏକ ପ୍ରାଚୀନ ମଠ ଭାବରେ ଏହା ପରିଚିତ । ଡେଲାଙ୍ଗର ବଜାର ଛକରୁ ବେନୁପଡ଼ା ଗ୍ରାମକୁ ଯାଇଥିବା ସାହି ସଡ଼କ ପାର୍ଶ୍ୱରେ ଥିବା ପୀଠକୁ ପାଖକୁ ଚାଲି କରି ଯିବାକୁ ହୁଏ । ସଡ଼କ କଡ଼ରେ ଡାହାଣ ପଟକୁ ଥିବା ଏକ ବୃକ୍ଷ ନିକଟରେ ବେନୁପଡ଼ା ଗାଦି ନାମ ଫଳକ ରହିଛି । ସେହି ଗ୍ରାମ ସାହି ଦେଇ ପୀଠ ପାଖରେ ପହଞ୍ଚିଗଲେ ଆଖିରେ ପଡ଼େ ପୀଠର ସମ୍ମୁଖ ଭାଗ ପ୍ରାଚୀନ ମନ୍ଦିର ଦ୍ୱାର ଦେଶ । ସେହି ପୀଠରେ ପୂଜା ପାଇ ଆସୁଛନ୍ତି ପାଞ୍ଚ ସାଧୁଙ୍କ ଗାଦି । ପାଞ୍ଚସାଧୁଙ୍କ ଗାଦି ନିକଟରେ ଶ୍ରୀ ରାଧାକୃଷ୍ଣଙ୍କ ସୁନ୍ଦର ପ୍ରତିମା ପୂଜା ପାଉଛନ୍ତି । ଗାଦିପୀଠ ବହୁ ପୁରୁଣା ସମୟର ବୋଲି ଜଣାଯାଏ । ବେନୁପଡ଼ା ଗାଦିର ପୀଠଗୁରୁ ମହାନ ସାଧୁ ଶ୍ରୀ ବାଇଧରର ଦାସଙ୍କ ପବିତ୍ର ଗାଦି ସହିତ ଅନ୍ୟ ଚାରିସାଧୁ ଶ୍ରୀ ଦୀନକୃଷ୍ଣ ଦାସ, ଶ୍ରୀ ଆର୍ତ୍ତତ୍ରାଣ ଦାସ, ଶ୍ରୀ ମାଧବ ଦାସ ଏବଂ ଶ୍ରୀ ନୀଳାଦ୍ରି ଦାସଙ୍କ ଗାଦି ପୂଜା ପାଇ ଆସୁଛି, ସେହି ପୀଠଟି ବୈଷ୍ଣବ ପୀଠ ଭାବରେ ଜଣାଶୁଣା । ପୀଠର ମନ୍ଦିରଟି ପ୍ରାୟ କୋଡ଼ିଏ ହାତ ଉଚ୍ଚ ପରି ଜଣାଯାଏ । ମନ୍ଦିର ଉପରେ ରହିଛି ତିନିଟି ଦଧିନଉତି । ମନ୍ଦିର ବେଢ଼ାରେ ପାର୍ଶ୍ୱରେ ଦେବଦେବୀଙ୍କ ବିଗ୍ରହ ରହିଛି । ଏକ ବଡ଼ ଯଜ୍ଞକୁଣ୍ଡ ରହିଛି । ଏକ ଗୋଶାଳା ଏବଂ ଏକ ଟିକି ପୁଷ୍କରିଣୀ ରହିଛି । ପୀଠର ମଧ ସ୍ଥଳର ଏକ ସ୍ଥାନରେ ଶ୍ରୀ ବାଇଧର ଦାସଙ୍କ 'ପଦ୍ମପାଦ' ଲେଖାଥାଇ ମନ୍ଦିର ରହିଛି । ଶ୍ରୀ ବାଇଧର ଦାସ ସେହି ଗ୍ରାମର ଜଣେ ଅସାଧାରଣ ବ୍ୟକ୍ତି ଥିଲେ । ତାଙ୍କଠାରେ ଦିବ୍ୟ ଶକ୍ତି ପ୍ରକାଶ ପାଇବା ପରେ ସେ ସାଂସାରିକ ଜୀବନରୁ ଦୂରେଇ ଗଲେ । ସର୍ବଦା ଜପ, ତପ ଧ୍ୟାନରେ ସେ ସମୟ ବିତାଇ ମଠ ସ୍ଥାପନ କରି ଲୋକଙ୍କ ଉପକାର କଲେ । ତାଙ୍କ ମଠରୁ ନିତିଦିନ ଅନ୍ନଦାନ ତାଙ୍କ ହାତ ସ୍ପର୍ଶରେ ହେଉଥିଲା । ଏପରିକି ଅନ୍ନପ୍ରସାଦ ହାଣ୍ଡିରୁ ସରୁ ନଥିଲଶ ବୋଲି କୁହାଯାଏ । ଅତିଥି ସେବା ସେହି ଗାଦି ପୀଠର ଏକ ପ୍ରାଚୀନ ପରମ୍ପରା । ସ୍ଥାନଟି ଦର୍ଶନୀୟ । ଅଁଳା ନବମୀ ଦିନ ସେଠାରେ ବଡ଼ ମେଳା ଅନୁଷ୍ଠିତ ହୁଏ ।

ପେଠା ଆଉ ପିଠାର ଉଚ୍ଚାରଣ ଯେମିତି ଭିନ୍ନ, ଠିକ୍ ସେମିତି ସ୍ୱାଦ ଏବଂ ଦେଖିବାକୁ ମଧ ଦୁଇଟିଯାକ ସଂପୂର୍ଣ୍ଣ ଅଲଗା । ପିଠା ସୁଜି, ଚାଉଳ ଆଦିରେ ପ୍ରସ୍ତୁତ ହେଉଥିଲା ବେଳେ ପେଠା ପ୍ରସ୍ତୁତ ହୋଇଥାଏ ପାଣି କଖାରୁରେ । ପିଠା ସାଧାରଣତଃ ଓଡ଼ିଶା, ପଶ୍ଚିମବଙ୍ଗରେ ପ୍ରସ୍ତୁତ ହୋଇଥାଏ । ହେଲେ ପେଠା ଉତ୍ତରପ୍ରଦେଶର ଲୋକମାନେ ପ୍ରସ୍ତୁତ କରିଥାଆନ୍ତି । ପେଠା ପାଇଁ ଆଗ୍ରା ପ୍ରସିଦ୍ଧ । ପାଣିକଖାରୁରୁ ଚୋପା ଛଡ଼ାଇ ସେଥିରୁ ମଞ୍ଜି ବାହାର କରି ଏହାକୁ ଚିନି ସିରାରେ ବୁଡ଼ାଇ ପ୍ରସ୍ତୁତ ହୋଇଥାଏ ପେଠା । ପେଠା ଦୀର୍ଘ ଦିନ ରହି ପାରୁଥିଲା ଭଳି ଏକ ମିଠେଇ । ମୁରବ୍ବା ଭଳି ଦେଖାଯାଉଥିଲେ ମଧ ଏହାର ସ୍ୱାଦ ଅଲଗା । ପେଠା ସାଧାରଣତଃ ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ହେଉଛି ଅଙ୍ଗୁରି ପେଠା ଯାହାକି ଚିନି ସିରାରେ ବୁଡ଼ାଯାଇ ପ୍ରସ୍ତୁତ କରାଯାଇଥାଏ । ଆଉ ଗୋଟିଏ ହେଉଛି ନାରିୟଲ ପେଠା ଅର୍ଥାତ ନଡ଼ିଆ ରସ ମିଶି ପ୍ରସ୍ତୁତ ହୋଇଥାଏ ଏହି ପେଠା । ପେଠା ପ୍ରସ୍ତୁତ କରିବାରେ ଘିଅ ଏବଂ ତେଲ ଆବଶ୍ୟକ ପଡ଼ିନଥାଏ । ପାଣିକଖାରୁ ଏବଂ ଚିନିରେ ହିଁ ପ୍ରସ୍ତୁତ ହୋଇଥାଏ । ଯଦି ସଜାଇବାକୁ ଇଚ୍ଛା ତେବେ ଏଥିରେ ଅଳ୍ପ କିଛି ଡ୍ରାଏ ଫ୍ରୁଟ୍‌ସ ମିଶା ଯାଇପାରିବ । ତେବେ ଆସନ୍ତୁ ଜାଣିବା ପେଠା ତିଆରିର ପଦ୍ଧତି ।

ପ୍ରସ୍ତୁତି:

ଏକ ବଡ଼ ପାଣିକଖାରୁକୁ ମଝିରୁ କାଟି ଭିତରର ମଞ୍ଜି ଏବଂ ନରମ ଅଂଶ ବାହାର କରିଦିଅନ୍ତୁ । ଏହାପରେ ସେଥିରୁ ଚୋପା ଛଡ଼ାଇ ଛୋଟ ଛୋଟ ଟୁକୁରା କରିନିଅନ୍ତୁ । ଏକ କଣ୍ଟା ଚାମଚରେର ଏଥର ସେହି ଟୁକୁରାଗୁଡ଼ିକରେ ଫୁଟା କରିନିଅନ୍ତୁ । ଏକ ବଡ଼ ପାତ୍ରରେ ପାଣି ନେଇ ସାମାନ୍ୟ ଚୂନ ମିଶାଇ ଭଲ କରି ଗୋଳାଇ ଦିଅନ୍ତୁ । ଏହାପରେ ସେହି ଚୂନ ମିଶା ପାଣିରେ ଚୋପାଛଡ଼ା ପାଣିକଖାରୁ ଟୁକୁରାଗୁଡ଼ିକୁ ପକାଇ ୧୦ରୁ ୧୨ ଘଣ୍ଟା ନହେଲେ ପୂର୍ବଦିନ ରାତିରୁ ବତୁରାଇ ରଖନ୍ତୁ । ପରଦିନ ସକାଳେ କିମ୍ବା ୧୨ ଘଣ୍ଟା ପରେ ପାଣିକଖାରୁ ଟୁକୁରାଗୁଡ଼ିକୁ ଚୂନ ମିଶା ପାଣିରୁ ବାହାର କରି ଆଉ ଥରେ ସଫା ପାଣିରେ ଧୋଇ ନିଅନ୍ତୁ । ଏହାପରେ ତଳ ମୋଟା ଥିବା ଏକ ବଡ଼ ପାତ୍ର କିମ୍ବା କରେଇରେର ୨ ଲିଟର ପାଣି ନେଇ ଢାଙ୍କୁଣି ଦେଇ ଫୁଟିବାକୁ ଛାଡ଼ିଦିଅନ୍ତୁ । ପାଣି ଫୁଟି ଆସିଲେ ସେଥିରେ ପାଣିକଖାରୁ ଟୁକୁରାଗୁଡ଼ିକୁ ଫୁଟିବାକୁ ଛାଡ଼ିଦିଅନ୍ତୁ । ଆଞ୍ଚ ସଂପୂର୍ଣ୍ଣ ଜୋର୍ କରି ୨୦ ମିନିଟ୍ ପର୍ଯ୍ୟନ୍ତ ପାଣିକଖାରୁ ଟୁକୁରାଗୁଡ଼ିକୁ ସିଝିବାକୁ ଦିଅନ୍ତୁ । ଦେଖିବେ ୨୦ ମିନିଟ ପରେ ସେହି ଟୁକୁରାଗୁଡ଼ିକ ଆହୁରି ସ୍ୱଚ୍ଛ ଦେଖାଯିବ । ଏଥର ଗରମ ପାଣିରୁ ଛାଣରି ସେଗୁଡ଼ିକୁ ଆଉ ଏକ ପାତ୍ରରେର ରଖି ପାଣି ନିଗାଡ଼ି ନିଅନ୍ତୁ । ଭଲ କରି ପାଣରି ନିଗାଡ଼ି ଦେବେ । ଭଲ କରି ପାଣରି ନିଗାଡ଼ିଗଲା ପରେ ସେଗୁଡ଼ିକୁ ଏକ ପାତ୍ରରେ ଖେଳେଇ କରି ରଖିବେ । ଏହାପରେ ଏକ ବଡ଼ ପାତ୍ରରେ ୩ କପ୍ ପାଣରି ନେଇ ସିରା ପ୍ରସ୍ତୁତ କରିବେ । ସିରା ବହଳିଆ ହେବା ଆଗରୁ ହିଁ ପାଣିକଖାରୁ ଟୁକୁରାଗୁଡ଼ିକୁ ସେଥିରେ ପକାଇ ଦେବେ । ଆଞ୍ଚ ବଢ଼ାଇ ଚିନି ସିରାରେ ସେଗୁଡ଼ିକୁ ଫୁଟିବା ପାଇଁ ଛାଡ଼ିଦେବେ । ଦେଖିବେ ଚିନି ସିରା ପୂରା ବହଳିଆ ହୋଇଛି କି ନାହିଁ । ଆଙ୍ଗୁଳି ଟିପରେ ଟିକେ ନେଇ ଦେଖିଲେ ବୁଝିପାରିବେ ଗାଢ଼ ହୋଇଛି କି ନ

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୭ ସେପ୍ଟେମ୍ବର ୨୦୨୦, ରବିବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଅସମ୍ଭାଳ ଦର...

କରୋନା ମହାମାରୀ ଉଣା ହେବା ନାଁ ଧରୁନାହିଁ । ଚୀନ୍ ଦେଶର ନିର୍ଦ୍ଦିଷ୍ଟ ପ୍ରଦେଶର ଲାବରେଟରୀରୁ କୌଣସି ଭାବରେ ବାହାରି ପଡ଼ିଥିବା କରୋନା ଭୂତାଣୁ ବିଶ୍ୱର ୨୧୩ ଦେଶରେ କରାଳ କାୟା ବିସ୍ତାର କରି ସାରିଲାଣି । ପ୍ରତିଷେଧକ ତ ବାହାରି ନାହିଁ, କୋଭିଡ ସଂକ୍ରମଣ ରୋକାଯିବା ସକାଶେ ସବୁ ପ୍ରକାର କଳ-ବଳ-କୌଶଳ ବିଫଳ ହେବାରେ ଲାଗିଛି । ଆଶା କରାଯାଉଛି, ହୁଏତ ବିଭିନ୍ନ ଦେଶରେ ପ୍ରତିଷେଧକ ଟିକାର ବିକାଶ ପ୍ରୟାସ ଶୀଘ୍ର ଫଳବତୀ ହୋଇପାରେ । କିନ୍ତୁ ଏହି ପ୍ରୟାସ କେତେଶୀଘ୍ର ସଫଳ ହେବ, ତାହା ସମ୍ପର୍କରେ କେହି ସୁଦ୍ଧା ନିଧାର୍ଯ୍ୟ ରୂପେ କରିପାରୁନାହାନ୍ତି । ଯେହେତୁ ଭୂତାଣୁର ଉତ୍ପତ୍ତି ଓ ସଂକ୍ରମଣ ମାନବ ଜାତି ପାଇଁ ସମ୍ପୂର୍ଣ୍ଣ ନୂଆ, ତେଣୁ ଟିକାର ବିକାଶ ନେଇ କାହାରିକୁ ଜଣାନଥିବା ସ୍ୱାଭାବିକ୍ । କୋଭିଡ୍ ସଂକ୍ରମଣ କୌଣସି ଗୋଟେ ଅଧେ ଦେଶ ନହେଁ, ସମଗ୍ର ବିଶ୍ୱର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିପକାଇ ସାରିଲାଣି । ବଡ଼ ବଡ଼ କମ୍ପାନି ଏବଂ କଳକାରଖାନାର ମାଲିକ ମୁଣ୍ଡରେ ହାତ ଦେଇ ବସିପଡ଼ିଲେଣି । ବେରୋଜଗାରୀ ବଢ଼ିଛି, କେବଳ ତାହା ନୁହେଁ, ନୂଆ କର୍ମସଂସ୍ଥା ସୃଷ୍ଟି ହେବାରେ କରୋନା ମସ୍ତବଡ଼ ବାଧକ ସାଜିଛି । ଦୈନନ୍ଦିନ ଜୀବନ ଯାତ୍ରା ଦୁର୍ବିସହ କରିଦେଇଥିବା କରୋନା ଜନସାଧାରଣଙ୍କ କ୍ରୟଶକ୍ତି ଉପରେ କରିଛି ଶକ୍ତ ପ୍ରହାର । ଏମିତିରେ ନିର୍ମାଣ ଶିଳ୍ପ କରୋନା ପୂର୍ବରୁ ଆମ ଦେଶରେ ପ୍ରତିକୂଳ ରାସ୍ତାରେ ଚାଲିଥିଲା । କରୋନା ବ୍ୟାପିବା କାରଣରୁ ହେଉ ଏବଂ ଏକାଧିକ କାରଣବଶତଃ ଦେଶ ବିଦେଶରେ ସ୍ଥିତି ପୂରା ବିଗିଡ଼ି ଗଲା । କେବଳ କରୋନାକୁ ପ୍ରତିହତ କରିବା ଲାଗି ପ୍ରୟାସରେ ରାଜକୋଷ ଖାଲି ହେବାରେ ଲାଗିଛି । କ୍ରୟଶକ୍ତି ଉଣା ହୋଇଯିବା ହେତୁ ଯେଉଁ ବିଷମ ସ୍ଥିତି ଉତ୍ପନ୍ନ ହୋଇଛି, ଦଶନ୍ଧି, ଦଶନ୍ଧି ଲାଗି ଯାଇପାରେ ସେଥିରେ ଉନ୍ନତି ଆଣିବା ସକାଶେ । ରାଷ୍ଟ୍ର ପରିଚାଳନାରେ ଯେମିତି, ପରିବାର ଚଳାଇବାରେ ସେମିତି । ଘରୋଇ ଆଭ୍ୟନ୍ତରୀଣ ଉତ୍ପାଦ ବା ଜିଡିପି ଏହା ମଧ୍ୟରେ ରସାତଳଗାମୀ ହୋଇସାରିଛି । ସେଥିରୁ ଅଭିବୃଦ୍ଧି ହାରକୁ ଉଦ୍ଧାର କରିବାକୁ ହେଲେ କିଭଳି ଉଦ୍ୟମ କରିବାକୁ ହେବ, ତାହାନେଇ ତଦ୍‌ବିଦ ମହଲ ଚିନ୍ତାରେ । ପରିବାରକୁ ଚଳାଇବା ଏବେ କିଭଳି କଷ୍ଟ କରିବାକୁ ହେଉଛି, ତାହା ଅନୁଭବୀଙ୍କୁ ହିଁ ଜଣା । ଏଠାରେ ଦିନମଜୁରିଆ ଓ ଖଟିଖିଆଙ୍କ ଅବସ୍ଥା କ'ଣ, ତାହା ଅନୁମାନର କଥା । ଯେଉଁମାନେ ମାସିକ ବେତନଭୋଗୀ, ସେମାନେ ଦର ବୃଦ୍ଧି ପାଇଁ କଷାଘାତର ଶିକାର ହେଉଛନ୍ତି । ପନିପରିବାଠାରୁ ଆରମ୍ଭ କରି ତେଜରାତି ମୂଲ୍ୟ ଆକାଶଛୁଆଁ ହୋଇଛି । ପରିବା ବଜାରରେ ରୀତିମତ ନିଆଁ ଲାଗିଯାଇଛି । ଆଳୁ, ପିଆଜ ଭଳି ନିତ୍ୟ ନୈମିତିକ ସାମଗ୍ରୀ ଘରକୁ ନନେଲେ ନଚଳେ । ପିଆଜ ପଚାଶ ଛୁଇଁବା ଉପରେ, ଆଳୁ ମଧ୍ୟ ଚଢ଼ା ଦରରେ ମିଳୁଛି । ପାଞ୍ଚଶହ ଟଙ୍କିଆ ନୋଟ୍ ନେଇ ବଜାରକୁ ଗଲେ ବ୍ୟାଗ ଭର୍ତ୍ତି ସାମଗ୍ରୀ ଆଣିହେଉନାହିଁ । ପନିପରିବା ଭଳି ବିଭିନ୍ନ କ୍ଷେତ୍ରରେ ଜନଜୀବନକୁ ସଂକଟ ଘେରି ରଖିଛି । ଆର୍ଥିକ ମେରୁଦଣ୍ଡ ବଙ୍କା ହୋଇଗଲେ ବ୍ୟକ୍ତି ତଥା ପରିବାର ଅଚଳ ହୋଇଯିବା ସାର । ଏମିତି କିଛି କଞ୍ଚା ପରିବା ନାହିଁ, ଯାହା କିଲୋକୁ ଷାଠିଏରେ ମିଳିଯିବ । ଏପଟେ ବେରୋଜଗାରୀ, ସେପଟେ କ୍ରୟଶକ୍ତି ସଂକୁଚିତ । ଏହାର ପ୍ରତିକୂଳ ପ୍ରଭାବ ସାମୂହିକ ରୂପରେ ରାଷ୍ଟ୍ରୀୟ ବ୍ୟବସ୍ଥା ଉପରେର ପଡୁଛି । ପ୍ରଶାସନ ଏହାର ମୁକାବିଲା ପାଇଁ ପନ୍ଥା ନିରୂପଣ କରିବାକୁ ସମୟ ଲାଗିଯିବ । ତାହାରି ଭିତରେ ଆଶା କରିପାରିବା, ସର୍ବବ୍ୟାପୀ ସଂକଟର ମୁକାବିଲା ପୂର୍ବରୁ ବ୍ୟାପକ ଜନସଚେତନତା ଜାଗ୍ରତ କରାଯିବା ଜରୁରି । ମିତବ୍ୟୟିତା ସାଙ୍ଗକୁ ଦରବୃଦ୍ଧିର ଘୋଡ଼ା ଦୌଡ଼ ଉପରେ ଲଗାମ କଷିବା ସକାଶେ ଶକ୍ତ କାର୍ଯ୍ୟାନୁଷ୍ଠାନ ଲୋଡ଼ା ।

କର୍ମ...

ଅମରନାଥ ବାରିକ୍

ଯେଉଁ ନର ହୁଏ କର୍ମରେ କର୍ମଠ
ମିଳୁଥାଇ ତାକୁ ଦାନା।
ବହୁ ଅରଜଇ ପେଟ ବି ପୁରଇ
ମିଳୁଥାଇ ତାକୁ କନା ॥

କର୍ମ ନୁହେଁ ଖାଲି ଜୀବନ ଏକ
ସବୁଠୁଁ ଅମୂଲ୍ୟ ଧନ।
କରୁଥିଲେ କର୍ମ ସ୍ୱାସ୍ଥ୍ୟ ରୁହେ ସୁସ୍ଥ
ନିଶ୍ଚଳ ବି ରୁହେ ମନ ॥

ବସି ଖାଉଥିଲେ ନଇ ବାଲି ସରେ
କରୁଥିଲେ କ୍ଲାନ୍ତଶ୍ରମ।
ଆଶାଠୁ ଅତ୍ୟନ୍ତ ଫଳ ଦେଇଥାନ୍ତି
ନ କରି ତିଳେ ବିଳମ୍ବ ॥

ମିଳଇ ବୈକୁଣ୍ଠ ପ୍ରାପ୍ତି ଇହ ଧାମେ
ଧନ ଜନ ପରିପୂର୍ଣ୍ଣ।
ହୁଅଇ ଅଭାବ ଦୂର ସବୁ ତା'ର
ମନସ୍କାମ୍ନ ହୁଏ ପୂର୍ଣ୍ଣ ॥

କର୍ମ ହିଁ ଈଶ୍ୱର କର୍ମ କରିଚାଲ
କର୍ମରେ ନିପୁଣ ରହି।
ହାରିବାନି କେବେ ଜୀବନରେ ଆମେ
କର୍ମ କରୁଥିଲେ ଭାଇ ॥

କର୍ମରେ ଜୀଇଁବା କର୍ମରେ ମରିବା
କର୍ମ ସବୁଠାରୁ ବଡ଼।
ଯେଉଁ କର୍ମେ ହୁଏ ସମାଜେ ମଙ୍ଗଳ
ସେହି କର୍ମେ ଆଗେ ବଢ ॥

ଯାଜପୁର, ମଙ୍ଗଳପୁର, କୟାଁ
ମୋ-୯୫୪୦୩୦୮୦୯୫

ଆନ୍ତର୍ଜାତିକ ସଂପର୍କରେ ଭିନ୍ନ ଏକ ସେତୁ : ପର୍ଯ୍ୟଟନ

୨୭ ସେପ୍ଟେମ୍ବର ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ:

ବିପିନ ବିହାରୀ ମହାନ୍ତି

ବିଶ୍ୱ ସ୍ତରରେ ପ୍ରତିବର୍ଷ ୨୭ ସେପ୍ଟେମ୍ବରକୁ ଆନ୍ତର୍ଜାତିକ 'ପର୍ଯ୍ୟଟନ ଦିବସ' ରୂପେ ପାଳିତ ହୁଏ। ଏହା ମିଳିତ ଜାତିସଂଘର ଆନୁକୂଲ୍ୟରେ ୧୯୮୦ ମସିହାଠାରୁ ପାଳିତ ହୋଇ ଆସୁଅଛି। ଜଗତୀକରଣ ପ୍ରକ୍ରିୟାରେ ପର୍ଯ୍ୟଟନକୁ ଏକ ମାଇଲ ଖୁଣ୍ଟ ହିସାବରେ ଏବେ ବିଚାର କରାଯାଏ। ଏହା ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ କିପରି ସାମାଜିକ, ସାଂସ୍କୃତିକ, ରାଜନୈତିକ ଏବଂ ଅର୍ଥନୈତିକ ସୁସଂପର୍କ ସ୍ଥାପନ କରାଇ ଜଗତୀକରଣ ପ୍ରକ୍ରିୟାରେ ସାହାଯ୍ୟ କରିବାରେ ସହାୟକ ହେବ, ସେଥିନେଇ ସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଜଗତୀକରଣ ପ୍ରକିୟାରେ ଏ ବିଶ୍ୱ ଏକ ପରିବାର । ପରିବାର ପରି ସମସ୍ତ ଲୋକ ସ୍ୱଚ୍ଛନ୍ଦରେ ଭାତୃଭାବ ଓ ବନ୍ଧୁତ୍ୱର ବନ୍ଧନରେ ବାନ୍ଧିହୋଇ ବିଶ୍ୱର ଉନ୍ନତି କଳ୍ପେଲାଗି ପଡିବା ହିଁ ଏହାର ଉଦ୍ଦେଶ୍ୟ।

ଦେଶ, ବିଦେଶ ତଥା ବିଭିନ୍ନ ସ୍ଥାନ ଭ୍ରମଣ କରି ପ୍ରତ୍ୟକ୍ଷ ଅନୁଭବ ଓ ଅନୁଭୂତି ଦ୍ୱାରା ସ୍ୱୟଂ ସିଦ୍ଧ ହୋଇ ନିଜର ଜ୍ଞାନ ବିଶେଷ କରି ଅନ୍ୟର ଶିକ୍ଷା, ସଭ୍ୟତା , ସଂସ୍କୃତି , ପରଂପରା, ଖାଦ୍ୟ, ପୋଷାକ, ଚାଲିଚଳନ, ରାଜନୀତି, ଓ ଶାସନ ପରିଚାଳନା ଦ୍ୱାରା ନିଜ ପରିସରରୁ ସଂକୀର୍ଣ୍ଣତା ଦୂରକରି ପରିବ୍ୟାପ୍ତ କରିବା ତଥା ନିଜର ଉକ୍ତ ଗୁଣଦ୍ୱାରା ଅନ୍ୟକୁ ପ୍ରଭାବିତ କରିବା ହିଁ ପର୍ଯ୍ୟଟନର ଯୁଗ ଧର୍ମ।

ପର୍ଯ୍ୟଟନ ମଣିଷ ଜାତିର ଆଦିମ ପ୍ରବୃତ୍ତି । ପ୍ରଥମେ ମଣିଷ ବଣ -ପାହାଡରେ ଅଥବା ଇତସ୍ତତଃ ଭ୍ରମଣ କରି ଖାଦ୍ୟ ଅନ୍ୱେଷଣରେ ଯାଯାବର ଜୀବନ ଯାପନ କରୁଥିଲା। ଯେତେବେଳେ ସଭ୍ୟତା ତାକୁ ସ୍ପର୍ଶକଲା ଏବଂ ସେ ଗାଁ ,ଗଣ୍ଡା କରି ସ୍ଥାୟୀ ଭାବରେ ଗୋଷ୍ଠୀ ଜୀବନ ଯାପନ କଲା, ସେତେବେଳେ ସେ ମଧ୍ୟ ପର୍ଯ୍ୟଟନ ମୁକ୍ତ ହୋଇପାରିଲା ନାହିଁ । ତାର ଜ୍ଞାନର ଅନୁସନ୍ଧିତ୍ସ ମନ ଉଙ୍କି ମାରୁଥିବା ନାନା କଥାପାଇଁ ତାକୁ ଅନ୍ୱେଷଣ ପାଇଁ ବାଧ୍ୟକଲା। ସେ ଧାଇଁଲା ଏ ପନ୍ତରାରୁ ଆଉ କୋଉପନ୍ତରାକୁ : ଗାଁ ନଈନାଳ, ପାହାଡ, ଏବଂ ସମୁଦ୍ର ଡେଇଁ ଆଉ କୋଉ ସ୍ଥାନକୁ । ସେ ଉଭାବକ ଅପେକ୍ଷା ଅଧିକନ୍ତୁ ପାଲଟିଗଲା ଆବିଷ୍କାରକ। ଆହରଣ ଏବଂ ବିତରଣ ତା ପାଇଁ ହେଲା ପ୍ରମୁଖ ବସ୍ତୁ। ତା' ସହିତ ପ୍ରାକୃତିକର ଉପଭୋଗ ଏବଂ ଭିନ୍ନ ଗୋଷ୍ଠୀ ସହିତ ହେଲା ତା'ର ଭାବର ବିନିମୟ ; ହେଲା ଭିନ୍ନ ଭିନ୍ନ ସଂସ୍କୃତିର ମିଳନ ଯାହାକି ବନ୍ଧୁତ୍ୱ, ଭାତୃତ୍ୱ ଏବଂ ସହଭାଜନରେ ବାଟ ଫିଟାଇ ଜଗତୀକରଣ ପ୍ରକ୍ରିୟାରେ ସାହାଯ୍ୟ କଲା।

ଏମିତି ଏକ ଦୀର୍ଘସ୍ଥାୟୀ ପ୍ରକ୍ରିୟା ଲୟିଛି ଆଦିମରୁ ଏ ଯାବତ୍। ଏହାରି ମଧ୍ୟରେ ଯେଉଁମାନେ ଆମର ମାର୍ଗ ଦର୍ଶକ ତଥା ପ୍ରେରଣାର ଉତ୍ସ ସାଜିଛନ୍ତି, ତାଙ୍କ ଭିତରେ ଅଛନ୍ତି ଆଲ୍‌ବେରୁଣୀ , ହୁଏନାସାଂ, ଫାହୟାନ, ମେଘାଛିନ୍ନସ୍ ଏବଂ ଇବନ୍ ବତୁତା ଇତ୍ୟାଦି। ଆମର ଯେତକ ନୂତନ ଦେଶ ବା ଯେତେ ପଥର ଆବିଷ୍କାରକ ଯଥା- କଲମ୍ବସ , ଭାସ୍କୋଡାଗାମା, ମାଗାଲେନ୍ ଏବଂ ଆମେରିଗୋ ଭେସ୍‌ପୋସିସ ଇତ୍ୟାଦି, ସମସ୍ତେ ଜଣେ ଜଣେ ଅନିସନ୍ଧୀତ୍ସୁ ପର୍ଯ୍ୟଟକ। ଏବେତ ସମୟ ଓ ଦୂରତ୍ୱକୁ ଏଡାଇବାରେ ଆଧୁନିକ ଯାନ ଓ ଯନ୍ତ୍ରପାତି ପର୍ଯ୍ୟଟନର ବାତାବରଣକୁ ବହୁତ ସହଜ ଓ ସରଳ କରି ଦେଇଛି।

ପ୍ରତିଟି ଦେଶ ଓ ରାଜ୍ୟ ପାଇଁ ସରକାରୀ ହେଉ ବା ବେସରକାରୀ ସ୍ତରରେ ହେଉ ଏବେ ପର୍ଯ୍ୟଟନ ଶିଳ୍ପ ଭାବରେ ଛିଡା ହୋଇଛି ଏବଂ ଆମର ଅର୍ଥନୈତିକ ପ୍ରଗତିର ଏକ ବିଶେଷ ଆୟପନ୍ଥା ପାଲଟିଛି। ଏହି ପର୍ଯ୍ୟଟନ ସଂସ୍ଥାମାନେ ତାଙ୍କ ପର୍ଯ୍ୟଟନ ସ୍ଥଳୀ ମାନଙ୍କୁ ଆକର୍ଷିତ କରିବା ପାଇଁ ଏବେ ଅଭିନବ ପନ୍ଥାମାନ ଅବଲମ୍ବନ କରିଲେଣି। ପର୍ଯ୍ୟଟକମାନଙ୍କ ରହିବା, ଖାଇବା ଏବଂ ବୁଲିବା ତଥା ନିରାପତ୍ତା ଦାୟିତ୍ୱ ଏବେ ସଂପୂର୍ଣ୍ଣ ଭାବରେ ସେମାନଙ୍କର । ଭ୍ରମଣ ସ୍ଥଳୀକୁ ବୁଲାଇ ନେବାରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପଥପଦର୍ଶକ ତଥା ଯାନବାହନର ବ୍ୟବସ୍ଥା କରାଯାଉଛି। ମୋଟ ଉପରେ ତାଙ୍କ ନିରାପତ୍ତା ଓ ପର୍ଯ୍ୟଟନ ଜନିତ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଯଥେଷ୍ଟ ଧ୍ୟାନ ଦିଆଯାଉଛି। ଆମ ଓଡିଶାରେ ପର୍ଯ୍ୟଟନର ବିକାଶରେ ସ୍ୱତନ୍ତ୍ର ସରକାରୀ ବିଭାଗ ଅଛି ଏବଂ ଏହାରି ତତ୍ତ୍ୱବଧାନରେ ଓଡିଶା ପର୍ଯ୍ୟଟନ ନିଗମ କାର୍ଯ୍ୟ କରୁଅଛି। ବର୍ତ୍ତମାନ ଓଡିଶା ପର୍ଯ୍ୟଟନ କ୍ଷେତ୍ରରେ ବିଦେଶୀ ମାନଙ୍କୁ ବିଶେଷ କରି ଆମେରିକା, ଏବଂ ୟୁରୋପ ଦେଶ ସମୂହର ଅଧିବାସୀ ତଥା ପୃଥିବୀର ଅନ୍ୟଦେଶ ଲୋକ ମାନଙ୍କୁ ବିଶେଷ ଆକର୍ଷିତ କରିଅଛି । ବିଶ୍ୱରେ ମାଲ ଡେଭିସ ପରି ଏହା ଏକ ବିଶେଷ ପର୍ଯ୍ୟଟନ କେନ୍ଦ୍ର।

ମିଳିତ ଜାତିସଂଘ ମାଧ୍ୟମରେ ଜଗତୀକରଣ ପ୍ରକ୍ରିୟାରରେ ସାହାଯ୍ୟ କରୁଥିବା ବିଷୟବସ୍ତୁ ମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିକୁ ପର୍ଯ୍ୟଟନ ଜରିଆରେ ପ୍ରାଧାନ୍ୟ ଦିଆ ଯାଇଥାଏ । ଚଳିତ ବର୍ଷ ୨୭ ସେପ୍ଟେମ୍ବର ୨୦୧୩ର ବିଶ୍ୱ ପର୍ଯ୍ୟଟନ ଦିବସ ପାଇଁ(World Tourism Day : WTD) ଭବିଷ୍ୟତରେ ଜଳ ସଂରକ୍ଷଣ ନିମନ୍ତେ ବିଷୟବସ୍ତୁ ରଖା ଯାଇଛି: ପର୍ଯ୍ୟଟନ ଏବଂ ଜଳ। ଏହାକୁ ମିଳିତ ଜାତିସଂଘ ତର'ରୁ "ଜଳ-ସହଯୋଗ" ପ୍ରକ୍ରିୟା ରୂପେ ଘୋଷଣା କରାଯାଇଛି। ଏଥିପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ପ୍ରବନ୍ଧ ପ୍ରତିଯୋଗିତା ଓ ତତ୍‌ସମ୍ବନ୍ଧୀୟ ପୁରସ୍କାରର ବ୍ୟବସ୍ଥା ମାନ କରାଯାଇଛି। ଏଥିରେ ପର୍ଯ୍ୟଟନକ୍ଷେତ୍ରରେ ସବୁଜ ସମ୍ଭାରର ବୃଦ୍ଧି ନେଇ ଜଳକୁ ଗୁରୁତ୍ୱ ଦିଆ ଯାଇଛି।

ଆନ୍ତର୍ଜାତିକ ସ୍ତରରେ ଜଳ ସଂରକ୍ଷଣ ହେଉ, ଏହାକୁ ଆଧାର କରି ଚଳିତ ବର୍ଷ ବିଶ୍ୱର ସୁବୁଠାରୁ ଅଧିକ ବିବିଧ ଜୀବବିଶେଷ ଦେଶ ତଥା ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ମାଲ୍‌ଡ଼େଭିସର ମୁଖ୍ୟ ଜାତିସଂଘରେ ଆତିଥ୍ୟ ପ୍ରଦାନ କରାଯିବାରେ ବ୍ୟବସ୍ଥା କରାଯାଇଛି।

ସମୟର ପ୍ରବାହ ମାନ ଧାରାରେ ପର୍ଯ୍ୟଟନର ସଂଗ୍ୟା ତଥା କାର୍ଯ୍ୟଧାରା ଏବେ ସୁଦୂର ପ୍ରସାରୀ । ନୂତନ ଆଶ ଓ ଆଲୋକର ସନ୍ଧାନରେ ଆସନ୍ତୁ ପର୍ଯ୍ୟଟନ ସହିତ ନିଜକୁ ସାମିଲ କରିବା ଏବଂ ଅଳ୍ପ ବହୁତେ ଏହାର ସ୍ୱାଦନେବା।

+ ଅଧ୍ୟକ୍ଷ
ଓଡିଶାଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିପିନ ବିହାରୀ ପାଠାଗାର ,
ଜଟଣୀ
ମୋ- ୯୯୩୮୩୪୪୧୩୮

ଉତ୍ତର ବାଲେଶ୍ୱର ଅଞ୍ଚଳର ଲୋକକଳା- ଅତୀତ ଓ ବର୍ତ୍ତମାନର

ପ୍ରଭାକର ଦାସ

ଲୋକ କଳା କହିଲେ - ଯାହା ସାଧାରଣ ଲୋକଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ, ଯାହା ସାଧାରଣ ବର୍ଗର ଲୋକଙ୍କଦ୍ୱାରା ପରିବେଶିତ ଏବଂ ଯାହା ସାଧାରଣ ଲୋକଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ତାକୁ ହିଁ ବୁଝାଇଥାଏ। ଆମ ରାଜ୍ୟରେ ପ୍ରତ୍ୟେକ ଅଞ୍ଚଳରେ ଏହିପରି ଲୋକକଳା ବହୁ ପୁରାତନ କାଳରୁ ବିଭିନ୍ନ ରୂପରେ ଚଳି ଆସୁଛି। କାଳର ପ୍ରଭାବରେ ତନ୍ମଧ୍ୟରୁ କିଛିକିଛି ଲୁପ୍ତ ହୋଇ ଗଲାଣି ତ, କିଛି ଲୁପ୍ତ ପ୍ରାୟ, ଆଉ କିଛି ମୁମୂର୍ଷ ଅବସ୍ଥାରେ ଅଛି। ଗାଁ ଗହଳିରେ ବିଶେଷ ଭାବରେ ପ୍ରଦର୍ଶିତ ହେଉଥିବା ଦାସ କାଠିଆ, ପାଲା, ପଟର ସଉଗ, ଦଣ୍ଡ ନାଚ, ଚଢେୟା - ଚଢେୟାଣୀ, ଲଳିତାଯାତ୍ରା ଓ ଭଗବତୀ , ଷଷ୍ଠୀ, ମନସା, ଗୀତାଭିନୟମାନ ପ୍ରମୁଖ। ଓଡ଼ିଶାର ଦକ୍ଷିଣାଞ୍ଚଳରେ ଦାସ କାଠିଆ, ପାଲାର ଗୋଟି ପୁଅ ଆଦର ଏବଂ ପଶ୍ଚିମାଞ୍ଚଳ ଓ ମଧ୍ୟ ଓଡ଼ିଶାରେ ଦଣ୍ଡନାଚ, ପଟର ସଉରା, ଡାଲଖାଇନୃତ୍ୟ ଭିନୟର ବିଶେଷ ଆଦୃତିଥିବା ବେଳେ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଚଢେୟା ଚଢେୟାଣୀ ଗୀତାଭିନୟ, ଲଳିତା ଯାତ୍ରା, ମାନ ଭଞ୍ଜନ , ଷଷ୍ଠୀ ବୁଢୀ, ଭଗବତୀ ଏବଂ ମନସା ଗୀତାଭିନୟମାନ ବିଶେଷ ଆଦୃତି ଲାଭ କରିଥିଲା। ଏହି ସବୁ ଗୀତାଭିନୟ ମଧ୍ୟ ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଉତ୍ତର - ପୂର୍ବାଞ୍ଚଳ ଏବଂ ଦକ୍ଷିଣ ମେଦିନୀପୁର ଅଞ୍ଚଳରେ ମଧ୍ୟ ପ୍ରସାର ଲାଭ କରିଥିଲା। ତନ୍ମଧ୍ୟରୁ କିଛି - ଯଥା ଲଳିତା ଯାତ୍ରା ଭିନୟ, ମାନ ଭଞ୍ଜନ, ଭୂତକେଳି, କୃଷ୍ଣଲୀଳା, ଚଢେୟା - ଚଢେୟାଣୀ ଗୀତାଭିନୟାଦିର ଏବଂ ବିଲୁପ୍ତି ଘଟିଥିବା ବେଳେ ଭଗବତୀ, ଷଷ୍ଠୀବୁଢୀ, ମନସା ମଙ୍ଗଳାଦି ଗୀତାଭିନୟ ମୁମୂର୍ଷ୍ଣ ଆବିଷ୍କାର ଆସିପହଞ୍ଚିଛି। ନିମ୍ନରେ ସେଗୁଡିକର ରଚନା ତଥା ପରିବେଷଣ ଶୈଳୀ ସମ୍ବନ୍ଧରେ ସମ୍ୟକ୍ ଉଲ୍ଲେଖ କରୁଛି। ଅତୀତରେ, ଆଜିକୁ ପ୍ରାୟ ୭୦/୮୦ ବର୍ଷ ତଳେ ଓଡ଼ିଶାରେ, ବିଶେଷତଃ ଜଳେଶ୍ୱର ତଥା ଉତ୍ତର ବାଲେଶ୍ୱର ଅଞ୍ଚଳରେ ଚଳଚିତ୍ରର ପ୍ରଭାବ ଆଦୌ ନଥିଲା। ଗାଁ ମାନଙ୍କରେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଯାତ୍ରାନୁଷ୍ଠାନମାନଙ୍କ ଦ୍ୱାରା ନାଟକ (ଅପେରା) ପ୍ରଦର୍ଶନ କରାଯିବା ସହିତ ଉପରୋକ୍ତ ଗୀତାଭିନୟମାନ ମଧ୍ୟ ପ୍ରଦର୍ଶିତ ହୋଇ ଲୋକାହୃତ ହେଉଥିଲା। ଏହିସବୁ ଗୀତାଭିନୟ ସମ୍ପର୍ଣ୍ଣ ଗୀତ ଓ ଅଭିନୟ ମାଧ୍ୟମରେ ପରିବେଶିତ ହୁଏ। ଗୀତଗୁଡିକ ପୌରାଣିକ ଏବଂ ତତ୍‌କାଳୀନ ସାମାଜିକ ଅବସ୍ଥାକୁ ନେଇ ସରଳ ଭାଷାରେ ଏବଂ ବିଶେଷ ଭାବରେ ଛନ୍ଦ-କବିତା ଆକାରରେ ଲେଖାଯାଇଥାଏ। ଏଥିରେ ଆମ ଉତ୍ତର ବାଲେଶ୍ୱରୀ ଭାଷା, ଯଥା କେନେ, କିୟା, ଯିମି (ଯିବି), ଯାଇତେ, ଖାଇତେ, ଖୁକାବାବୁ, ଦାଦୁ,(ଜେଜେବାପା) ଭଳି ବଙ୍ଗଳା ମିଶା ଓଡ଼ିଆର ପ୍ରଚଳନ ପରିଲକ୍ଷିତ ହୁଏ, କାରଣ ଏହି ସବୁ ଯାତ୍ରା ଭିନୟ ପଡୋଶୀ ମେଦିନୀପୁର ଜିଲ୍ଲାରେ ମଧ୍ୟ ଆଦୃତ ଥିଲା, ଏବେ ମଧ୍ୟ କିଛି ଭାବରେ ଅଛି, ବାଦ୍ୟଯନ୍ତ୍ର ମଧ୍ୟରେ ପଖାଉଜ୍ ଏବଂ ଖିନି ପ୍ରଧାନ। ଅବଶ୍ୟ ଏବେ ହାରମୋନିୟମ୍ ମଧ୍ୟ ବ୍ୟବହୃତ ହେଲାଣି, ମାଇକ୍‌ର ମଧ୍ୟ ବ୍ୟବହାର ହେଉଛି, ତେବେ ଏହି ସବୁ ଗୀତାଭିନୟରେ ସମସ୍ତ କଳାକାର ଗୀତ ଗାଇବା ସହିତ (କଥୋପକଥନ Dialogue - କେବଳ ଗୀତ ମାଧ୍ୟମରେ ହୁଏ) ନୃତ୍ୟମଧ୍ୟ ସମତାଳରେ ପରିବେଷଣ କରିଥାନ୍ତି। ପୁଅ ପିଲାମାନେ ନାରୀ ଭୂମିକାରେ ଅଭିନୟ କରନ୍ତି, ଏବେ ମଧ୍ୟ ଉକ୍ତ ପ୍ରବନ୍ଧରେ ଉପରୋକ୍ତ ଲୋକକଳା (ଗୀତାଭିନୟ) ମଧ୍ୟରେ କେବଳ କେତୋଟି ବିଷୟରେ ସଂକ୍ଷେପରେ ଉଲ୍ଲେଖ କରୁଛି ପ୍ରବନ୍ଧଟିର କଳେବରକୁ ଆଖିଆଗରେ ରଖି। (କ) ବିଲୁପ୍ତ ଲୋକାକଳା:- (୧) ଚଢେୟା-ଚଢେୟାଣୀ ନୃତ୍ୟାଭିନୟ:- ଆମ ଉତ୍ତର ବାଲେଶ୍ୱର, ମୟୂରଭଞ୍ଜର ଉତ୍ତର-ପୂର୍ବାଞ୍ଚଳ ତଥା ମେଦିନୀପୁର ଜିଲ୍ଲାର ଦକ୍ଷିଣାଞ୍ଚଳରେ ଆଜିକୁ ପ୍ରାୟ ୭୦/୭୫ବର୍ଷପୂର୍ବେ ଏହି ଗୀତାଭିନୟ ଥିଲା ଗାଁ ଗହଳ ଲୋକରେ ମନୋରଞ୍ଜନର ବିଶେଷ ମାଧ୍ୟମ ଏବଂ ସୁଲଭ। ଏଥିରେ ଚଢେୟା ଓ ଚଢେୟାଣୀ (ପୁଅପିଲା ଚଢେୟାଣୀ ବେଶରେ) ଗୀତମାଧ୍ୟମରେ ବିଭିନ୍ନ ଶାସ୍ତ୍ରାନୁମୋଦିତ ଏବଂ ଗ୍ରାମ୍ୟ ବିଧିବିଧାନ ସମ୍ମତ ପ୍ରଶ୍ନୋତ୍ତର, ଯୁକ୍ତିତର୍କ ସହିତ ବିଭିନ୍ନ ଅଙ୍ଗଭଙ୍ଗୀରେ ନୃତ୍ୟକରି, ରୁମାଲ ହଲାଇ, ଦର୍ଶକଙ୍କୁ ମୋହିତ କରୁଥିଲେ। ଏହିଦୁହିଁଙ୍କ ମଧ୍ୟରେ ସଂଯୋଜକ (ଯିଏକି ଜଣକ କଥା ଅନ୍ୟଜଣକ ପାଖକୁ ନେବା-ଆଣିବା କ

ଆସନ୍ତୁ ବୁଲିବା:

ଭୁନ୍ତାର

ହିମାଚଳ ପ୍ରଦେଶର ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ହେଉଛି ଭୁନ୍ତାର । କୁଲ୍ଲୁ ଜିଲ୍ଲାରେ ଅବସ୍ଥିତ ଭୁନ୍ତାର ଏକ ଶୈଳନିବାସର ମାନ୍ୟତା ପାଇଛି । କୁଲ୍ଲୁରୁ ଭୁନ୍ତାରର ଦୂରତା ୧୦ କିଲୋମିଟର । ସମୁଦ୍ର ପତ୍ତନରୁ ୨୦୫୦ ମିଟର ଉଚ୍ଚରେ ଅବସ୍ଥିତ ଭୁନ୍ତାର । ଏହାକୁ କୁଲ୍ଲୁ ଘାଟିର ପ୍ରବେଶ ଦ୍ୱାର ବୋଲି ମଧ୍ୟ କୁହାଯାଏ । ଏହି ଶୈଳନିବାସର ଉଭୟ ଐତିହାସିକ ଏବଂ ଧାର୍ମିକ ମହତ୍ତ୍ୱ ରହିଛି । ହିନ୍ଦୁ ଦେବଦେବୀଙ୍କର ଅନେକଗୁଡ଼ିଏ ମନ୍ଦିର ଏଠାରେ ଦେଖିବାକୁ ମିଳେ । ଏହା ବ୍ୟତୀତ ଏହି ଛୋଟ ଶୈଳନିବାସରେ ଭରି ରହିଛି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ । ଏହି ସ୍ଥାନରେ ଔଷଧୀୟ ଗଛ, ଘଞ୍ଚ ଅରଣ୍ୟ ଏବଂ ବନ୍ୟଜୀବ ଦେଖିବାକୁ ମିଳିଥାନ୍ତି । ଏଠାକାର ଦର୍ଶନୀୟ ସ୍ଥାନଗୁଡ଼ିକ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଜଗନ୍ନାଥ ମନ୍ଦିର, ବିଜୁଳି ମହାଦେବ ମନ୍ଦିର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ । ଭୁନ୍ତାରରେ ବ୍ୟାସ ନଦୀ ବୋହିଯାଇଛି । ପର୍ଯ୍ୟଟକମାନେ ବ୍ୟାସ ନଦୀରେ ରାଫଟିଂର ମଜା ନେଇଥାନ୍ତି । ଖରାଦିନେ ଦେଶବିଦେଶର ପର୍ଯ୍ୟଟକମାନେ ଏଠାରେ କ୍ୟାମ୍ପ ପକାଇଥାନ୍ତି । ଏହି ସ୍ଥାନର ଅନ୍ୟ ଏକ ଆକର୍ଷଣ ହେଲା ଉତ୍ତର ଭାରତର ଲୋକପ୍ରିୟ ବାର୍ଷିକ ଭୁନ୍ତାର ମେଳା । ତିନିଦିନର ଏହି ମେଳା ଜୁନ୍ କିମ୍ବା ଜୁଲାଇ ମାସରେ ଆୟୋଜିତ ହୋଇଥାଏ । ଦର୍ଶନୀୟ ସ୍ଥାନ ବୁଲିବା ବ୍ୟତୀତ ପର୍ଯ୍ୟଟକମାନେ ଭୁନ୍ତାରରେ ଟ୍ରେକିଂ, ରକ୍ କ୍ଲାଇମ୍ବିଂ, କାୟାକିଂ ଓ ରାଫ୍‌ଟିଂ ପରି ରୋମାଞ୍ଚକର କ୍ରୀଡ଼ାର ମଜା ନେଇଥାନ୍ତି ।

ଜଗନ୍ନାଥ ମନ୍ଦିର:

ଭୁନ୍ତାରରୁ ୩ କିଲୋମିଟର ଦୂରରେ ରହିଛି ଜଗନ୍ନାଥ ମନ୍ଦିର । ସମୁଦ୍ରପତ୍ତନରୁ ଏହାର ଉଚ୍ଚତା ୫ ହଜାର ଫୁଟ୍ । ତେଣୁ ଏହି ମନ୍ଦିରରେ ପହଞ୍ଚିବା ସେତେଟା ସହଜ ନୁହେଁ । ବହୁ ପର୍ଯ୍ୟଟକ ଦୂରରୁ ମନ୍ଦିର ଦେଖିଥାନ୍ତି । ହେଲେ ଯେଉଁମାନେ ମନ୍ଦିର ନିକଟରେ ପହଞ୍ଚି ପାରନ୍ତି ସେମାନେ ଅଫୁରନ୍ତ ପ୍ରାକୃତିକ ଶୋଭାରାଜି ଉପଭୋଗ କରିବାର ସୁଯୋଗ ପାଆନ୍ତି ।



ବାଶେଶ୍ୱର ମହାଦେବ ମନ୍ଦିର:

କୁଲ୍ଲୁ ଉପତ୍ୟାକାରେ ଥିବା ଏହି ମନ୍ଦିର ସବୁଠାରୁ ବଡ଼ ପଥର ମନ୍ଦିର ଭାବେ ପରିଚିତ ହାସଲ କରିଛି । ଅଷ୍ଟମ ଶତାବ୍ଦୀରେ ଏହି ଭବ୍ୟ ମନ୍ଦିର ତିଆରି ହୋଇଥିବା ବିଶ୍ୱାସ କରାଯାଏ । ଭୁନ୍ତାର ବିମାନବନ୍ଦରରୁ ମନ୍ଦିରର ଦୂରତା ୪ କିଲୋମିଟର । ମନ୍ଦିରର ହତାରେ ଅନେକ ଦେବାଦେବୀଙ୍କ ମନ୍ଦିର ରହିଛି ।

ବିଜୁଳି ମହାଦେବ ମନ୍ଦିର:

ଏହି ମନ୍ଦିର ଭୁନ୍ତାର ନିକଟସ୍ଥ ମାଥନ ପାହାଡ଼ରେ ଅବସ୍ଥିତ । ଏହି ପ୍ରାଚୀନ ମନ୍ଦିରଟି ସମୁଦ୍ରପତ୍ତନଠାରୁ ୨୪୬୦ ମିଟର ଉଚ୍ଚରେ ରହିଛି । ମନ୍ଦିରଟି କାଶ ଶୈଳୀରେ ନିର୍ମିତ ହୋଇଛି । ଏହି ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ ।

ହିମାଚଳ ନ୍ୟାସନାଲ ପାର୍କ:

ହଓ୍ୱାହରଲାଲ ନେହରୁ ଗ୍ରେଟ ଇଣ୍ଡିଆନ ନ୍ୟାସନାଲ ପାର୍କ ନାମରେ ଏହି ଜାତୀୟ ଉଦ୍ୟାନଟି ପରିଚିତ । ଏହା କୁଲ୍ଲୁ ଓ ଭୁନ୍ତାର ଯିବା ରାସ୍ତାରେ ପଡ଼ିଥାଏ । ବିଭିନ୍ନ ପ୍ରକାର ବନ୍ୟଜୀବ ଭାଲୁ, ରିସସ ମକାକ, ଜଙ୍ଗଲୀ ମେଣ୍ଢା, ମାଙ୍କଡ଼ ସମେତ ହିମାଳୟାନ କସ୍ତୁରୀ ମୃଗ ଦେଖିବାକୁ ମିଳିଥାନ୍ତି ।

ଆଦି ବ୍ରହ୍ମା ମନ୍ଦିର:

ଭୁନ୍ତାରରୁ ୪ କିଲୋମିଟର ଦୂରରେ ରହିଛି ଆଦି ବ୍ରହ୍ମା ମନ୍ଦିର । ଏହା ଖୋଖନ ଗାଁ ଏହି ମନ୍ଦିର ପାଇଁ ପରିଚିତି ହାସଲ କରିଛି । ବିଶାଳ କାଠ ଗଣ୍ଡିରେ ତିନିଟି ମନ୍ଦିର ରହିଛି । ଆଦି ବ୍ରହ୍ମାଙ୍କ ମନ୍ଦିର କେନ୍ଦ୍ର ସ୍ଥଳରେ ରହିଥିବା ବେଳେ ଉଭୟ ପାର୍ଶ୍ୱରେ ଅନ୍ୟ ଦେବାଦେବୀଙ୍କ ଦୁଇଟି ମନ୍ଦିର ରହିଛି । ମନ୍ଦିରରେ ଏକ ରଥ ଅଛି । ଏହି ରଥରେ ୧୧ଟି ରୂପା, ୨ଟି ପିତ୍ତଳ ଓ ଗୋଟିଏ ଅଷ୍ଟଧାତୁ ମୋହର ରହିଛି ।

ପାଣି ନ ପିଇବାର କୁପ୍ରଭାବ

ଦୈନିକ ପ୍ରତ୍ୟେକ ବର୍ଗର ବ୍ୟକ୍ତି ଅତି କମ୍‌ରେ ୭ରୁ ୮ ଗିଲାସ ପାଣି ପିଇବା ଉଚିତ । ଜଳର ଆବଶ୍ୟକତା ଶରୀର ନିମନ୍ତେ ରହିଛି, ଏହା ସମସ୍ତେ ବୁଝିନେବା ଆବଶ୍ୟକ । କାନାଡ଼ାର ବିଶେଷଜ୍ଞଗଣ ଏହା ଉପରେ ତଥ୍ୟ ପ୍ରକାଶ କରିଛନ୍ତି ।

- ନିୟମିତ ଭାବେ ଆବଶ୍ୟକ ପରିମାଣରେ ଜଳ ନ ପିଇଲେ, ଶରୀରରେ ବିଭିନ୍ନ ଅସୁବିଧା ଉପୁଜିଥାଏ ।
- ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ଯେ ଶରୀରରେ ଜଳର ମାତ୍ରା କମ୍ ହେଲେ ରକ୍ତ ଗାଢ଼ ହୋଇଥାଏ । ରକ୍ତସଞ୍ଚାଳନ ଶରୀରରେ ଠିକ୍ ଭାବେ ହୁଏନାହିଁ । ପାଣି କମ୍ ପିଇଲେ ରକ୍ତଚାପ ବଢ଼େ ।
- ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ୧୦ ଗିଲାସ ପାଣି ପିଇବା ଉଚିତ ।
- କୋଲେଷ୍ଟୋରଲ ସମସ୍ୟା ଥିବା ଲୋକ ମଧ୍ୟ ପାଣି ପିଇଲେ ଏହାର ସମାଧାନ ହୋଇଥାଏ ।
- ନିୟମିତ ଆବଶ୍ୟକ ପରିମାଣରେ ପାଣି ପିଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ, ବୃକକ୍ ରୋଗରୁ ମଧ୍ୟ ମୁକ୍ତି ମିଳେ ।

ପ୍ରାକୃତିକ ଉପାୟରେ ତ୍ୱଚାର ସୁରକ୍ଷା

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ । ଟିକେ ସୁନ୍ଦର ଦେଖାଯିବା ପାଇଁ ଅନେକ ଲୋକ ମୁହଁରେ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି । ଏଥିପାଇଁ ବଜାରରେ ବିଭିନ୍ନ କମ୍ପାନୀ ଦ୍ୱାରା ଭିନ୍ନ ଭିନ୍ନ ପ୍ରସାଧନ ସାମଗ୍ରୀ ଉପଲବ୍ଧ ହେଉଛି । ହେଲେ ଏହାର ବ୍ୟବହାର ଦ୍ୱାରା ସେପରି କିଛି ଫାଇଦା ମିଳିନଥାଏ । ଯଦି ଘରେ ସୌନ୍ଦର୍ଯ୍ୟର ବୃଦ୍ଧି କରି ହେବ ତେବେ ତାହା ହିଁ ତ୍ୱଚାକୁ ସୁରକ୍ଷିତ ରଖିବାକୁ ଶ୍ରେଷ୍ଠ ମାଧ୍ୟମ । ଗୋଟିଏ କଦଳୀ ସହ କିଛି କ୍ଷୀର ମିଶାଇ ତ୍ୱଚାରେ ଲଗାଇ ତାକୁ ୧୫ରୁ ୨୦ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇଲେ ତ୍ୱଚା ଉଜ୍ଜ୍ୱଳ ଦେଖାଯିବା ସହିତ କୋମଳ ମଧ୍ୟ ହୋଇଯାଏ । ସେହିପରି ଗୋଟିଏ ଚାମଚ ମହୁରେ କିଛି ବୁନ୍ଦା ଲେମ୍ବୁକୁ ମିଶାଇ ହାତ ଏବଂ ବେକରେ ଲଗାଇ



କିଛି ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ମଧ୍ୟ ତ୍ୱଚା ପାଇଁ ବହୁ ଉପକାରୀ ହୋଇଥାଏ ।

ବେସନ୍ ଲଡ୍ଡୁ

ସାମଗ୍ରୀ-ବେସନ ୨ କପ୍, ଚିନି ୧୦୦ଗ୍ରାମ୍, ଦେଶୀ ଘିଅ ୫ ଚାମଚ, କ୍ଷୀର ୧ କପ୍, ବାଦାମ୍ (ଆଲ୍‌ମଣ୍ଡ) ୨ ଚାମଚ, ଗୁଜୁରାତି ଗୁଣ୍ଡ ଅଧଚାମଚ ।

ପ୍ରଣାଳୀ- ପ୍ରଥମେ କରେଇରେ ଟିକେ ଘିଅ ଗରମ କରି ବାଦାମକୁ ସୁନେଲି ରଙ୍ଗ ହେବାଯାଏଁ ଭାଜି ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ପୁଣିଥରେ କରେଇରେ ଘିଅ ଦେଇ ବେସନ୍ ବାଦାମୀ ରଙ୍ଗ ହେବାଯାଏ ଭଲ ଭାବରେ ଭାଜନ୍ତୁ । ଏବେ ଗୁଜୁରାତି ଗୁଣ୍ଡ ଏବଂ ଚିନିକୁ ମିଶାନ୍ତୁ । ଏହାପରେ ସେଥିରେ ଆବଶ୍ୟକ ଅନୁଯାୟୀ କ୍ଷୀର ପକାଇ ଧୀରେ ଧୀରେ ଘାଣ୍ଟନ୍ତୁ । ଏବେ ଏହି ମିଶ୍ରଣରେ ଭଜା ହୋଇଥିବା ବାଦାମକୁ ମିଶାଇ ଥଣ୍ଡା ହେବାପାଇଁ ଛାଡ଼ି ଦିଅନ୍ତୁ । ମିଶ୍ରଣଟି ଥଣ୍ଡା ହେବାପରେ ଲଡ୍ଡୁ ପରି ଅର୍ଥାତ୍ ଗୋଲ ଗୋଲ ଆକାରରେ ଗଢ଼ି ପାଖାପାଖି ୨ ଘଣ୍ଟା ପାଇଁ ଏପରି ଛାଡ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆପଣଙ୍କର ସ୍ୱାଦିଷ୍ଟ ବେସନ୍ ଲଡ୍ଡୁ ।

୭ ହଜାର ବର୍ଷ ତଳର ଖାଦ୍ୟ ପାତ୍ର

ଜୋର୍ଡାନର ପଶ୍ଚିମ ଭାଗରେ ବର୍ଲିନର ଗବେଷକଗଣ ୨୦୧୦ରୁ ପରୀକ୍ଷା କରିଆସୁଛନ୍ତି । ଗତ ସପ୍ତାହରେ ଗବେଷକଦଳ ୧୦ଫୁଟ ଗଭୀରରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରିଥିଲେ । ବେଶ୍ ସୁରକ୍ଷିତ ଥିବା ଏହି ସାମଗ୍ରୀ ଗୁଡ଼ିକ ରୋଷେଇଶାଳରେ ବ୍ୟବହୃତ ଖାଦ୍ୟ ସଂରକ୍ଷଣ ପାତ୍ର ଓ ଅନ୍ୟାନ୍ୟ ଜିନିଷ ବୋଲି ଜଣାପଡ଼ିଥିଲା । ତେବେ ଏସବୁ ସାମଗ୍ରୀ ୭ ହଜାର ବର୍ଷ ତଳର ବୋଲି ଗବେଷକମାନଙ୍କ ମୁଖ୍ୟ ପ୍ରକାଶ କରିଛନ୍ତି । ସେ ସମୟରେ ମଧ୍ୟ ଲୋକେ ଖାଦ୍ୟପେୟ ବାବଦରେ କିଭଳି ସଚେତନ ଥିଲେ, ତାହା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ । ହାତତିଆରି ଏସବୁ ସଂରକ୍ଷିତ ସାମଗ୍ରୀ ୬୦ରୁ ଅଧିକ ସେହି ସ୍ଥାନରେ ରହିଛି । ଛୋଟଛୋଟ ପଥରକୁ ଲାଖ ସାହାଯ୍ୟରେ ବେଶ୍ ସୁନ୍ଦର ଭାବେ ଖଞ୍ଜାଯାଇ ପାତ୍ରର ରୂପ ଦିଆଯାଇଛି । ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ସବୁକିଛି ଏସବୁ ପାତ୍ରରେ ରଖାଯାଉଥିବାର ଅନୁମାନ କରୁଛନ୍ତି ଗବେଷକଦଳ ।

ପ୍ରଥମ ଇଡ୍‌ଲି ଭେଣ୍ଡିଂ ମେସିନ୍

କରୋନା ଭାଇରସ୍ ସମଗ୍ର ବିଶ୍ୱରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି । ସେଥିପାଇଁ ଲୋକେ ବାହାରେ ଖାଇବା ଛାଡ଼ି ଘର ଖାଦ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି । ଏଭଳି ଜଟିଳ ସମୟରେ ଇଡ୍‌ଲିପ୍ରେମୀଙ୍କ ପାଇଁ ଏକ ଖୁସି ଖବର । ହାଇଦ୍ରାବାଦର ଡା. ମହାଲକ୍ଷ୍ମୀ ନାଗୁବାନ୍ଦି ଓ ତାଙ୍କ ଉଦ୍ୟୋଗୀ ସ୍ୱାମୀ ଅୟାପ୍ପା ନାଗୁବାନ୍ଦି ଏକ ଇଡ୍‌ଲି ଭେଣ୍ଡିଂ ମେସିନ୍ ଡିଜାଇନ୍ କରିଛନ୍ତି । ମେସିନ୍‌ର ବଟନ୍ ଦବାଇଲେ ଗରମ ଗରମ ସମ୍ବର ଓ ଇଡ୍‌ଲି ମିଳିବ । ୧ ପ୍ଲେଟ୍ ଇଡ୍‌ଲି ସମ୍ବର୍‌ର ମୂଲ୍ୟ ୩୫ ଟଙ୍କା ରହିଛି । ଏହି ଭେଣ୍ଡିଂ ମେସିନ୍‌କୁ ଚଳାଇବା ଖୁବ୍ ସହଜ । ଏକ ରୋବୋଟିକ୍ ହାତ ମାଧ୍ୟମରେ ଏହା ପରିଚାଳିତ ହେଉଛି । ଏହି ହାତ ଥରକେ ୨ ଇଡ୍‌ଲି ଉଠାଇ ଏକ ପୁନଃ ବ୍ୟବହାରଯୋଗ୍ୟ ପ୍ଲେଟ୍‌ରେ ପରଷିଦିଏ । ଏହା ପରେ ପ୍ଲେଟ୍‌ଟି ଆଗକୁ ଗତିକରେ । ସେଠାରେ ସାମ୍ବର ଓ ଚଟ୍‌ନି ଢଳାଯାଏ । ସମାନ ପରିମାଣର ସାମ୍ବର ଓ ଚଟ୍‌ନି ପରଷିବା ନିମନ୍ତେ ମେସ୍‌ରେ ପ୍ରୋଗ୍ରାମ୍ ଫିଟ୍ କରାଯାଇଛି । ୮୦ ପ୍ଲେଟ୍ ଇଡ୍‌ଲି ପରଷିବାର ଦକ୍ଷତା ମେସିନ୍‌ର ରହିଛି । ପ୍ରତ୍ୟେକ ଥର ଏହା ସାଇଟାଇଜେସନ୍ ପ୍ରକ୍ରିୟା ମଧ୍ୟ ଦେଇ ଗତିକରେ । ରାସ୍ତାକଡ଼ ଷ୍ଟଲ୍‌ରେ ବିକ୍ରି ହେଉଥିବା ଖାଦ୍ୟର ଅସ୍ୱାସ୍ଥ୍ୟକର ଅବସ୍ଥା ଦେଖିବା ପରେ ଇଡ୍‌ଲି ଭେଣ୍ଡିଂ ମେସିନ୍ ନିର୍ମାଣ ବିଷୟରେ ବିଚାର ଆସିଥିଲା ବୋଲି ଏକ ଜାତୀୟ ଖବରସଂସ୍ଥା ସହ ସାକ୍ଷାତକାରରେ ଡା. ମହାଲକ୍ଷ୍ମୀ କହିଛନ୍ତି । ବର୍ଷେ ପୂର୍ବେ ସେମାନେ ଏକ ଗ୍ରୁପ୍‌ଚୁପ୍ ଭେଣ୍ଡିଂ ମେସିନ୍ ପ୍ରସ୍ତୁତ କରିଥିଲେ । କିନ୍ତୁ ତାହା ସେଭଳି ଲାଭପ୍ରଦ ହେଲାନାହିଁ । ତେଣୁ ଆହୁରି ସହଜ ଓ ଲୋକପ୍ରିୟ ଉପକରଣ ଉପରେ ଫୋକସ୍ କରିବାକୁ ସ୍ଥିର କଲେ । ଲୋକେ ସବୁ ସମୟରେ ଇଡ୍‌ଲି ଖାଇବାକୁ ପସନ୍ଦ କରୁଥିବାରୁ ସେମାନେ ତା'ରି ଉପରେ ଫୋକସ୍ କଲେ ।

ବିଲୁପ୍ତପ୍ରାୟ ଫିସିଙ୍ଗ କ୍ୟାଟ

ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ମଧ୍ୟରୁ ମାଛର ଗନ୍ଧ ବାରି ପାଣିଭିତରୁ ମାଛକୁ ଜାବୁଡ଼ି ଧରୁଥିବା ବିଲେଇକୁ ଫିସିଙ୍ଗ୍ କ୍ୟାଟ୍ ବୋଲି କୁହାଯାଏ । କିନ୍ତୁ କିଛିବର୍ଷ ହେଲାଣି ଏହି ବିଲେଇମାନଙ୍କ ସଂଖ୍ୟା ଲୋପ ପାଇଯାଇଛି । ପ୍ରାୟତଃ ଭାରତ, ଶ୍ରୀଲଙ୍କା ଏବଂ ଇଣ୍ଡୋନେସିଆରେ ଏହି ପ୍ରଜାତିର ବିଲେଇ ବିଲୁପ୍ତ ହେବାର ନଜର ଆସୁଛି । ଫିସିଙ୍ଗ୍ କ୍ୟାଟ୍ ସଂରକ୍ଷଣର ଅଧକ୍ଷ ଅଶ୍ୱିନ୍ ନାଇଡୁଙ୍କ କହିବାନୁସାରେ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆର ମେଗ୍ରୋଟ୍ ବଣ (ସଦାବାହାର ବଣରେ) ୫୦ରୁ ୮୦ ପ୍ରତିଶତ ଫିସିଙ୍ଗ୍ କ୍ୟାଟ୍‌ଙ୍କ ସଂଖ୍ୟା କମି କମି ଆସିଛି । ଆଗକୁ ଏହି ପ୍ରଜାତିଙ୍କ ବିଲୋପ ଯେମିତି ନଘଟୁ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଏହି

ବିଲେଇ ମାନଙ୍କର ପ୍ରାକୃତିକ ବାସସ୍ଥାନ ହେଉଛି ଗଙ୍ଗା, ଯମୁନା ସୁନ୍ଦରବନ, ବ୍ରହ୍ମପୁତ୍ର, ଗୋଦାବରୀ-କୃଷ୍ଣା ନଦୀର ତୀରଭାଗ ।

କ୍ରୋଧ ଦୂର କରେ ଶଶକାସନ

ଏହି ଆସନ ହୃଦ୍‌ରୋଗୀଙ୍କ ପାଇଁ ବହୁତ ଉପକାରୀ । ସ୍ତ୍ରୀମାନଙ୍କ ଗର୍ଭାଶୟକୁ ବଳ ଦିଏ । ପେଟ, ଅଣ୍ଟା ଓ ନିତମ୍ବର ଚର୍ବି ଦୂର କରେ । ପ୍ରଥମେ ବଜ୍ରାସନରେ ବସି ନିଃଶ୍ୱାସ ନେଉଥିବା ଅବସ୍ଥାରେ ଦୁଇ ହାତକୁ ଉପରକୁ ଉଠାନ୍ତୁ । ତା' ପରେ ଆଗକୁ ନଇଁ ପ୍ରଶ୍ୱାସ ଛାଡ଼ନ୍ତୁ ଓ ହାତକୁ ଆଗକୁ ଲମ୍ବାଇ ପାପୁଲିକୁ ତଳ ପଟକୁ ରଖି କହୁଣୀ ପର୍ଯ୍ୟନ୍ତ ହାତକୁ ଭୂମି ଉପରେ ଲଗାଇ ରଖନ୍ତୁ ଓ ମୁଣ୍ଡ ମଧ୍ୟ ଭୂମି ଉପରେ ଲଗାଇ ରଖନ୍ତୁ । କିଛି ସମୟ ଏହି ସ୍ଥିତିରେ ରହି ପୁଣି ବଜ୍ରାସନକୁ ଫେରି ଆସନ୍ତୁ । ପ୍ରଥମେ ପ୍ରଥମେ ଏଭଳି ସ୍ଥିତିରେ ବସିବାକୁ କଷ୍ଟ ଅନୁଭୂତ ହୋଇପାରେ । ଶରୀରକୁ କଷ୍ଟ ନଦେଇ ଦିନକୁ ଦୁଇରୁ ତିନିଥର ଅଭ୍ୟାସ କଲେ ଆସନଟି ସହଜ ଅନୁଭବ ହେବ । ଏହି ଆସନ କରିବା ଫଳରେ ମାନସିକ ରୋଗ, ଚିନ୍ତା, କ୍ରୋଧ, ଚିଡ଼ିଚିଡ଼ା ପଣ ଆଦି ଦୂର ହେବ । ଅନ୍ତ୍ର, ଯକୃତ, ଅଗ୍ନାଶୟ ଓ କିଡ଼ନୀକୁ ବଳ ମିଳିଥାଏ ।

ଭାଗବତ ନନ୍ଦଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୨୬।୯ (ନି.ପ୍ର): ପଶ୍ଚିମ ଓଡିଶାର ଜଣେ ଜନପ୍ରିୟ ବିଶିଷ୍ଟ ସମାଜସେବୀ,ଗାନ୍ଧିବାଦୀ ନେତା ତଥା ବରିଷ୍ଠ ସାମ୍ବାଦିକ ଭାଗବତ ପ୍ରସାଦ ନନ୍ଦଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଗତ କିଛିଦିନ ଧରି ଯକୃତଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ବେଳେ କାଲି ତାଙ୍କ ମୃତ୍ୟୁ ଖବର ପଶ୍ଚିମ ଓଡିଶା ସମେତ ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି ।ସ୍ୱର୍ଗତଃ ନନ୍ଦ ଜି ଏମ କଲେଜ ର ଛାତ୍ର ଥିବାବେଳେ ମୁଁ ବି ସେହି କଲେଜ ର ତାଙ୍କ ତଳ ବ୍ୟାଚ ର ଛାତ୍ର ହୋଇ ତାଙ୍କ ସହ ମିଶିବାର ସୁଯୋଗ ପାଇଥିଲି ।ଆମେ ଏକାଠି ହଷ୍ଟେଲ ର ଗୋଟେ ରୁମ ରେ ରହୁଥିଲୁ ।ସେ ଜଣେ ବନ୍ଧୁବତ୍ସଳ,ସରଳ ବ୍ୟକ୍ତି ଥିଲେ ।ଗତ କିଛିଦିନ ତଳେ ସେ ଦିଲ୍ଲୀରେ ଥିବା ବେଳେ ମୋ ସହ କଥା ହୋଇଥିଲେ ଏବଂ ଦିଲ୍ଲୀରୁ ଫେରି ସମ୍ବଲପୁରରୁ ବି ଫୋନ କରି କଥା ଦେଇଥିଲେ ମୋ ସହ ଦେଖା ହେବ ବୋଲି ।ସେ ତାଙ୍କ ଶରୀରକୁ ଡାକ୍ତର ଛାତ୍ର ଛାତ୍ରୀଙ୍କ ପାଠ ପଢା ପାଇଁ ସମ୍ପୂର୍ଣ ଦାନ କରିଯାଇଛନ୍ତି ।ସ୍ୱର୍ଗତଃ ନନ୍ଦ ବିଶିଷ୍ଟ ଗାନ୍ଧିବାଦୀ ନେତା ଗୋପବନ୍ଧୁ ଚୌଧୁରୀ,ରମା ଦେବୀ,ମାଳତୀ ଦେବୀ,ନବକୃଷ୍ଣ ଚୌଧୁରୀ ପ୍ରମୁଖଙ୍କ ସଂସ୍ପର୍ଶରେ ଆସି ସମାଜ ସେବାରେ ବ୍ରତୀ ହୋଇଥିଲେ ।ଭୂଦାନ ଆନ୍ଦୋଳନରେ ଭାଗନେଇ ଜେଲ ଯାଇଥିଲେ ।ନନ୍ଦିନୀ ଶତପଥୀ ଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଜାତୀୟ କଂଗ୍ରେସ ରେ ଯୋଗ ଦେଇଥିଲେ ।ସେ ଆଇନ ପାଠ ପଢିବା ସହ ଜଣେ ପେଷାଦାର ସାମ୍ବାଦିକ ଭାବେ କାର୍ଯ୍ୟ କରିଛନ୍ତି ।ନିଜର ଲେଖା ଓ ଆନ୍ଦୋଳନ ମାଧ୍ୟମରେ ପଶ୍ଚିମ ଓଡିଶାର ବୁର୍ଲା ଡାକ୍ତରଖାନାର ଉର୍ଣ୍ଣତି ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିପାରିଥିଲେ ।ସ୍ୱର୍ଗତଃ ନନ୍ଦଙ୍କ ଉଚ୍ଚକୋଟିର କାର୍ଯ୍ୟପାଇଁ ସେ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଗୁଡିଏ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଥିଲେ । ସ୍ୱର୍ଗତଃ ନନ୍ଦଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ।

ଗୁଣପୁର ଶତାୟୁ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଚୋଧୁରୀଙ୍କ ପରଲୋକ

ଗୁଣପୁର,୨୬।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଶତାୟୁ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଚୌଧୁରୀଙ୍କ ୭୯ ବର୍ଷ ବୟସରେ ନିଜ ବାସଭବନ ଶେଖର ନଗରଠାରେ ଆଜି ଅପରାହ୍ନ ୩ଟା ସମୟରେ ଇହଲୀଳା ସମ୍ବରଣ କରିଛନ୍ତି । ସେ ବିଶିଷ୍ଟ ଜ୍ୟୋତିର୍ବିଦ, ଆଧ୍ୟାତ୍ମିକ ସାଧକ, ଲେଖକ, କବି, ଅନେକ ମନ୍ଦିର ର ପ୍ରତିଷ୍ଠାତା ତଥା ଭାରତୀୟ ସୂଚନା ସେବାର ଜଣେ ବରିଷ୍ଠ ଅଧିକାରୀ, ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟରେ କାର୍ଯ୍ୟରତ ଡ଼ଃ ପ୍ରଦୀପ କୁମାର ଚୌଧୁରୀଙ୍କ ପିତା ଅଟନ୍ତି । ମୃତ୍ୟୁ ସମୟରେ ତିନି ପୁତ୍ର, ଦୁଇଟି ଝିଅ, ପୁତ୍ର ବଧୁ ଓ ନାତି ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ । ସେ ଜଣେ ଆଦର୍ଶ ଶିକ୍ଷକ, ପରୋପକାରୀ, ମିଷ୍ଟା ଭାଷୀ, ମେଳାପୀ ଓ ଭଦ୍ର ବ୍ୟକ୍ତିତ୍ୱ ଥିଲେ । ସେ ତାଙ୍କ ଶିକ୍ଷକତା ଜୀବନରେ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟ ଗଠନ କରିଥିଲେ ।ତାଙ୍କ ବିୟୋଗରେ ଗୁଣୁପୁର ସହରର ଛାତ୍ର ଛାତ୍ରୀ ଓ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଅନ୍ତିମ ସଂସ୍କାର ସ୍ଥାନୀୟ ବଂଶଧାରା ନଦୀ ଅବବାହିକା ରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । ତାଙ୍କ ବିୟୋଗରେ ସ୍ଥାନୀୟ ବୁଦ୍ଧିଜୀବୀ, ସମାଜ ସେବୀ, ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

ଲିଙ୍ଗେଶ୍ୱର ପୀଠରେ ଜିଲ୍ଲାପାଳ

କୋରେଇ,୨୬।୯ (ନି.ପ୍ର): ନୂତନ ଜିଲ୍ଲାପାଳ ଚକ୍ରବର୍ତୀ ସିଂହ ରାଠୋରଙ୍କ କୋରାଇ ବ୍ଲକ ଗସ୍ତ ଅବସରରେ ମୂଳାପାଳ ପଂଚାୟତର ପ୍ରସିଦ୍ଧ ଶୈବପୀଠ ଲିଙ୍ଗେଶ୍ୱର ବିହାର ଗସ୍ତ କରିଥିଲେ । ସେଠାରେ ବାବା ଲିଙ୍ଗେଶ୍ୱରଙ୍କ ବିଭୂକୃପା ଲାଭ କରିବା ପରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ଦ୍ୱାରା ଗଠିତ ସରସ୍ୱତୀ ଶିଶୁ ମନ୍ଦିର, ପାର୍କ, ବିଭିନ୍ନ ଦେବାଦେବୀ ମନ୍ଦିର ଆଦି ପରିଦର୍ଶନ କରିଥିଲେ । କମିଟି ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ଅନୁଷ୍ଠାନ ସମ୍ପର୍କରେ ଅବଗତ ପରେ ଏହୀ ପୀଠର ଉନ୍ନତୀ କରଣ ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ତାଙ୍କ ସହିତ କୋରାଇ ବିଡିଓ ଶ୍ରୀମତୀ ଶ୍ୱେତା ସିଗ୍ନା ପ୍ରମୁଖ ଯୋଗାଦେଇଥିଲେ । ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ସଭାପତି ଦୈତାରୀ ଧଳ, ଉପସଭାପତି ରାଜକିଶୋର ମଲ୍ଲିକ, ସମ୍ପାଦକ ନିତ୍ୟାନନ୍ଦ ପରିଡା, ସହ ସମ୍ପାଦକ ମଦନ ମୋହନ ମାଝୀ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସଦସ୍ୟ ଦାମୋଦର ଧଳ, ବୃନ୍ଦାବନ ସାହୁ, ବାସୁଦେବ ପରିଡା, ଗଦାଧର ଧଳ, ପ୍ରମୋଦ କୁମାର ସାହୁ, ଶରତ ଚନ୍ଦ୍ର ଧଳ, ବିଷ୍ଣୁ ଚରଣ ଧଳ, ପ୍ରତାପ ଚନ୍ଦ୍ର ଧଳ, ନିକୁଂଜ ବିହାରୀ ସାହୁ, ସନ୍ତୋଷ ଧଳ, ଗୋଲକ ଚନ୍ଦ୍ର ମାଝୀ. ଦିଲ୍ଲୀପ ଧଳ, ସଦାନନ୍ଦ ସାମଲ, ଆନନ୍ଦ ଚନ୍ଦ୍ର ପାଳ, ବନମାଳୀ ଦାସ, ନିରଂଜନ ପାଣିଗ୍ରାହୀ, ଅକ୍ଷୟ ଧଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ପଦବୀ ଛାଡିଲେ ବିଜୁ ଛାତ୍ର ଜନତାଦଳର ନେତୃବୃନ୍ଦ

ପୁରୀ,୨୬।୯ (ନି.ପ୍ର): ପୁରୀ ଜିଲ୍ଲାରେ ବିଜୁ ଛାତ୍ର ଜନତାଦଳକୁ ମଜବୁତ କରିବାରେ ଛାମୁଆ ସଂଗଠନର ଯୁବକ ଓ ଛାତ୍ରମାନେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ । ହଠାତ୍ ବିଜୁ ଛାତ୍ର ଜନତାଦଳର ଜିଲ୍ଲା ସଭାପତି ପବଦୀ ସେମାନଙ୍କୁ ନପଚାରି ଘୋଷଣା କରାଯିବା ଫଳରେ ପୂର୍ବତନ ଛାତ୍ର ନେତାମାନେ ସଂଗଠନରୁ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି । ବିଜୁ ଜନତାଦଳରେ ରହିବା ସହ ଜିଲ୍ଲା ସଭାପତି ମହେଶ୍ୱର ମହାନ୍ତିଙ୍କୁ ସମର୍ଥନ କରି ଏହାର ପୁନର୍ବିଚାର ପାଇଁ ନିବେଦନ କରିଛନ୍ତି । ଇସ୍ତଫା ଦେଇଥିବା ଛାତ୍ର ନେତାମାନେ ହେଲେ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ପୁରୀଜିଲ୍ଲା କାର୍ଯ୍ୟକାରୀ ସଭାପତି ଓ ରାଜ୍ୟ ସଂପାଦକ ହରେକୃଷ୍ଣ ସୁଆର, ଦୀପକ କୁମାର ପଣ୍ଡା, ରାଜେଶ କୁମାର ରଣା, ସଂଗ୍ରାମ ପାତ୍ର, ରବିନାରାୟଣ ନାୟକ, ବିଶ୍ୱଜିତ୍ ଦାସ ମହାପାତ୍ର, ଚିତରଞ୍ଜନ ପତି ।

ଭଙ୍ଗା ଦଦରା ପଲିଥିନ୍ ଛପର ଚାଳଘରେ ଜୀବନ ବିତାଉଛନ୍ତି ୬୦ ବର୍ଷର ବୃଦ୍ଧା

କନ୍ଧମାଳ,୨୬।୯ (ନି.ପ୍ର): ଝାଟିମାଟିରେ ତିଆରି ଭଙ୍ଗା ଦଦରା ପଲିଥିନ ଛପର ଘରେ ବିତୁଛି ଏକ ଅସହାୟ ୬୦ ବର୍ଷର ବୃଦ୍ଧା ମହିଳାଙ୍କ ଜୀବନ । କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ମିଣିଆ ଗ୍ରାମ ପଂଚାୟତ ଅଧିନସ୍ଥ ଶ୍ରାସାନାଣ୍ଡା ଗ୍ରାମରେ । ସରକାର ଗରିବ ଓ ବାସହୀନ ପରିବାର ଲୋକଙ୍କୁ ଯୋଗାଇ ଦେଇଥିବା ଆବାସ ଯୋଜନାର ଘରଟିଏ ପାଇଁ ବାରମ୍ବାର ନିବେଦନ କରି ସମ୍ପୁର୍ଣ୍ଣ ବିଫଳ ହୋଇଥିବା ବେଳେ ଏବେ ନିଜ ଜୀବନକୁ ପାଣି ଛଡେଇ ବିପଦ ସଙ୍କୁଳ ଅବସ୍ଥାରେ ପଲିଥିନ୍ ଟଣା ଭଙ୍ଗା ଦଦରା ଝାଟିମାଟିରେ ତିଆରି ଜଙ୍ଗଲ ତଳିଆ କୁଡିଆ ଘରେ ରହୁଛନ୍ତି ବିଧବା ଅସହାୟ ମହିଳା ପ୍ରତିମା ମଲ୍ଲିକ (୬୦)। ଖରାବର୍ଷା ଶିତ କାକରରେ ପ୍ରତିମା ଅତି ଦୁଃଖଦାୟକ ଜୀବନ ବିତାଉଛନ୍ତି । ହଠାତ ହେଉଥିବା ଲଘୁଚାପ ଜନିତ ବର୍ଷା ବିଜୁଳି ଘଡଘଡି ଯୋଗୁଁ ଏହି ଅସହାୟ ବୃଦ୍ଧା ମହିଳାଙ୍କ ପ୍ରତି ବିପଦ ରହିଥିବା କହିଛନ୍ତି ଅଂଚଳ ବାସୀ । ପ୍ରକାଶ ଯେ କେହି ମଧ ଯୋଗ୍ୟ ବିବେଚିତ ଗରିବ ହୀତାଧିକାରୀ ଆବାସ ଯୋଜନାରେ ଘର ପାଇବାରେ ବଂଚିତ ହେବେ ନାହିଁ ବୋଲି ରାଜ୍ୟ ଓ କେନ୍ଦ୍ର ସରକାର ଘୋଷଣା କରି ଆବାସ ଘର ଯୋଗାଇ ଦେବାର ପ୍ରଚେଷ୍ଟା କରୁଛନ୍ତି । କିନ୍ତୁ ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କ ଦାୟୀତ୍ୱ ହୀନତା ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ଆନ୍ତରିକତା ଅଭାମ ଯୋଗୁଁ ଅନେକ ଗରିବ ଯୋଗ୍ୟ ବିବେଚିତ ହିତାଧିକାରୀ ଆଜି ପର୍ଯ୍ୟନ୍ତ ଅଯୋଗ୍ୟ ହୋଇ ଆବାସ ଯୋଜନାରୁ ଘର ଖଣ୍ଡେ ପାଇବାରୁ ବଂଚିତ ହୋଇ ରହୁଛନ୍ତି ବୋଲି ଜନସାଧାରଣ ପ୍ରକାଶ କରୁଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଅସହାୟ ହୋଇ ତାଙ୍କ ପୈତୃକ ଗାଁକୁ ଆସିଥିଲେ । ଏକାକି ବିଧବା ମହିଳା ହୋଇଥିବାରୁ ତାଙ୍କୁ କେବଳ କେବଳ ଚାଉଳ ପାଂଚ କେଜି ଏବଂ ବିଧବା ଭତା ୫୦୦ଟଙ୍କା ପାଇ ସେଥିରେ ଅତି କଷ୍ଟେ ମଷ୍ଟେ ଚଳୁଛନ୍ତି । ସେହି ପାଂଚ କେଜି ଚାଉଳରେ ମାସ ସାରା ଚଳିବା ସମ୍ଭବ ହୋଇପାରୁ ନାହିଁ। ସେଥିପାଇଁ ତାଙ୍କୁ ନିକଟ ଜଙ୍ଗଲରୁ ଶାଳ ପତ୍ର ସଂଗ୍ରହ କରି ସେଥିରେ ଖଲି ଦନା ତିଆରି କରି ସେଥିରୁ ଯାହା ମିଳେ ଚଳନ୍ତି । ତାହା ମଧ ଦୁଇ ଓଳି ସବୁଦିନେ ମିଳିବା ସମ୍ଭବପର ହୋଉନି । ଏଣୁ ଏହି ଅସହାୟ ବୃଦ୍ଧାଙ୍କୁ ସରକାରୀ ସହାୟତା ଯୋଗାଇଦେବା ସହିତ ଅନ୍ତର୍ଦୟ ଯୋଜନାରେ ସାମିଲ କରି ଚାଉଳ ୩୫ କେଜି ଏବଂ ଆବାସ ଘର ଖଣ୍ଡେ ଯୋଗାଇ ଦେଲେ ତାଙ୍କର ବାର୍ଦ୍ଧକ୍ୟ ସମୟରେ ଏହାୟକ ହୁଅନ୍ତା ବୋଲି କହିଛନ୍ତି ପ୍ରତିମା ମଲ୍ଲିକ । ଏହି ସଂକ୍ରାନ୍ତରେ ଫୁଲବାଣୀ ବିଡିଓ ସୁବ୍ରତ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ବୃଦ୍ଧା ଜଣକ ସେହି ଗ୍ରାମର ହୋଇଥିଲେ ହେଁ ସେ ଅନ୍ୟତ୍ର ବିବାହ କରିଥିଲେ । ତେଣୁ ସେ ଗତ ୨୦୧୧ ମସିହା ଜନଗଣନା ବେଳକୁ ଏହି ଗ୍ରାମରେ ରହୁନଥିବାରୁ ତାଙ୍କର ନାମ ତାଲିକା ଭୁକ୍ତ ହୋଇପାରିନାହିଁ। ତେବେ ଗତ ୨୦୧୯ ମସିହାରେ ମଧ୍ୟ ଏହି ସୁବିଧାରୁ ବଂଚିତ ଥିବା ଲୋକଙ୍କ ତାଲିକା କରାଯାଇଥିଲା । ହେଲେ ସେତେବେଳେ ମଧ୍ୟ ପ୍ରତିମା ମଲ୍ଲିକ ତାଙ୍କର ନାମ ପଞ୍ଜିକରଣ କରିନଥିବା କିମ୍ବା ସେ କୌଣସି ଆବେଦନ ମଧ୍ୟ କରିନଥିଲେ । ତେବେ ତାଙ୍କର ଆବଶ୍ୟକତାକୁ ନେଇ ତଦନ୍ତ କରାଯିବା ସହ ସରକାରୀ ଯୋଜନା ଅନୁସାରେ ସମସ୍ତ ସହାୟତା କରାଯିବ ବୋଲି କହିଛନ୍ତି ।

ଲକ୍‌ଡାଉନ ପରେ ବୃଦ୍ଧି ପାଇଛି ବିଦ୍ୟୁତ ରାଜସ୍ୱ ଆଦାୟ : ଖୁବ୍ ଶୀଘ୍ର ସ୍ଥାପିତ ହେବ ଆର୍‌ଟି-ଡିଏଏସ୍ ସିଷ୍ଟମ୍

ଭୁବନେଶ୍ୱର,୨୬।୯ (ନି.ପ୍ର): ରାଜ୍ୟରେ କରୋନାଜନିତ ଲକ୍‌ଡାଉନ୍ ପରେ ବିଦ୍ୟୁତ ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଛି । ଗତକାଲି ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଶକ୍ତି ବିଭଗା କାର୍ଯ୍ୟକ୍ରମ ସମୀକ୍ଷା ସମୟରେ ଏ। ଜଣାପଡ଼ିଛି । ଲକ୍‌ଡାଉନ୍ ସମୟରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ ସେକ୍ଟର ରାଜସ୍ୱ ସଂଗ୍ରହ ବୃଦ୍ଧି ଘଟିଥିବାରୁ ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ । ଲକ୍‌ଡାଉନ୍ ପରବର୍ତୀ ସମୟରେ ସମସ୍ତ ଅର୍ଥନୈତିକ କାର୍ଯ୍ୟକ୍ରମ ସହିତ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକରେ ବିଦ୍ୟୁତ ବ୍ୟବହାର ବୃଦ୍ଧି ପାଇଛି । ଏଥି ସହିତ ରାଜସ୍ୱ ଆଦାୟଜନିତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ କ୍ୟାପ୍‌ଟିଭ୍ ପାୱାର ପ୍ଲାଂଟରେ ଦୂରସଂବେଦୀ ଯୋଗେ ପ୍ରକୃତ ସମୟ ତଥ୍ୟ ସଂଗ୍ରହ ବ୍ୟବସ୍ଥା ସ୍ଥାପନ ଖୁବ୍‌ଶୀଘ୍ର କରାଯିବାକୁ ସେ ବିଦ୍ୟୁତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ଘଟିଥିବା ବିଦ୍ୟୁତ ଦୁର୍ଘଟଣାଗୁଡ଼ିକର କ୍ଷତିପୂରଣ ବାବଦରେ ମନ୍ତ୍ରୀ ସମୀକ୍ଷା କରିଥିଲେ । ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦିଆଯିବ । ତେବେ ଘଟୁଥିବା ଦୁର୍ଘଟଣାରୁ ୯୦ ପ୍ରତିଶତ ମନୁଷ୍ୟକୃତ ତ୍ରୁଟି ପାଇଁ ହେଉଥିବା ଯୋଗୁଁ ଭବିଷ୍ୟତରେ ଏହାକୁ ହ୍ରାସ କରିବା ଦିଗରେ ଅଧିକ ଯତ୍ନବାନ ହେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବିଶେଷ ଭାବେ ୧୧ କେଭି ଏବଂ ଏଲଟି ସିଷ୍ଟମରେ ଦୁର୍ଘଟଣା ଘଟୁଥିବା ଯୋଗୁଁ ବିଦ୍ୟୁତ ସୁରକ୍ଷା ତାଲିମ, ସୁରକ୍ଷା ଯାଂଚ, କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଏବଂ ସଚେତନା ସୃଷ୍ଟି ପାଇଁ ଉଦ୍ୟମ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ସେ ନିୟମିତ ସୁରକ୍ଷା ବ୍ୟବସ୍ଥାରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ରିପୋର୍ଟ ଦେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଥିଲେ । ସୁରକ୍ଷା କର୍ଣ୍ଣର ଭାବେ ପ୍ରତି ସେକ୍‌ସନ୍, ସବ୍‌ଡିଭିଜନ୍, ଡିଭିଜନ୍‌ରେ ସେଲ୍ ଖୋଲାଯାଇ ବିଦ୍ୟୁତ ବ୍ୟବହାରବେଳେ ସୁରକ୍ଷା ପ୍ରତି ଧ୍ୟାନ ଉପରେ ଜନସଚେତନତା ସୃଷ୍ଟି କରାଯିବାକୁ ଗୁରୁତ୍ୱ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ଧଳ ବିଦ୍ୟୁତ ସୁରକ୍ଷା ଉପରେ ଅନେକ ପ୍ରସ୍ତାବ ଦେଇ ସୁରକ୍ଷା ଉପରେ ମାସିକ କିମ୍ବା ତ୍ରୈମାସିକ ରିପୋର୍ଟ ପ୍ରଦାନ ଉପରେ ଜୋର ଦେଇଥିଲେ । ଏହି ଭର୍ଚୁଆଲ୍ ବୈଠକରେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଦ୍ୟୁତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ସନ୍ତୋଷ ଦାସ ଅଂଶଗ୍ରହଣ କରିଥିଲେ ।

ବାମପନ୍ଥୀ ଦଳର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ପୁରୀ,୨୬।୯ (ନି.ପ୍ର): କୃଷି ଓ କୃଷକ ସର୍ବନାଶକାରୀ ୩ ଟି କୃଷି ଆଇନ କୁ ବାତିଲ ଦାବିରେ ପୁରୀରେ ବାମପନ୍ଥୀ ଦଳ ର ଭାରତ ବନ୍ଦ ରେ ବିକ୍ଷୋଭ ସମ୍ବିଧାନ ଉପରେ ନଗ୍ନ ଆକ୍ରମଣ କରି ମୋଦୀ ସରକାର କର୍ପୋରେଟର ମାନଙ୍କ ସ୍ୱାର୍ଥ ନିମନ୍ତେ ପାର୍ଲିଆମେଂଟ ରେ ଧୋନି ମତ ରେ କୃଷି ଓ କୃଷକ ବିରୋଧୀ ଆଇନ ପାରିତ କରିଛନ୍ତି । କୃଷି ବ୍ୟବସ୍ଥାକୁ ଧ୍ୱଂସ କରି ଏପିଏମସି କୁ କଟକଣା ମୁକ୍ତ କରି କୃଷି ବଜାର କୁ ବ୍ୟବସାୟୀ ମାନଙ୍କୁ ଟେକି ଦେଲେ । ଏମଏସପି କୁ ଖତମ କରି ଇ ମାର୍କେଟିଙ୍ଗ୍ ନାମରେ ଘରୋଇ ମଣ୍ଡି ଖୋଲିଲେ । ଫଳରେ ଦଲାଲ ଓ କର୍ପୋରେଟର ମାନେ ଦର ନିର୍ଧାରଣ କରିବେ । ଠିକା ଚାଷ ଆଇନ ଆଣି ପାରମ୍ପରିକ ଭାଗ ଚାଷୀ ମାନଙ୍କୁ ନାମମାତ୍ର ଚାଷୀ ଙ୍କ ଜୀବିକା ଲୋପ କରି ବ୍ୟବସାୟ ମାନଙ୍କ ଦାସତ୍ୱ ସ୍ୱୀକାର କରିବେ । ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ସଂଶୋଧନ କରି ଆଳୁ, ଡାଲି, ପିଆଜ, ତେଲ, ଗହମ ପ୍ରଭୃତି ଦ୍ରବ୍ୟ ର ଏକ ଚାଟିଆ ଦର ନିର୍ଧାରଣ ଓ ହୋଡିଂ କରିବେ ବ୍ୟବସାୟୀ । ସରକାରଙ୍କ ନିୟନ୍ତ୍ରଣ ରହିବ ନାହିଁ । ଫଳରେ କୃଷି ଓ କୃଷକ ସହ ସାଧାର ଲୋକେ ହନ୍ତସନ୍ତ ହେବେ । ପରିବେଶ ଗତ ପ୍ରଭାବ ଓ ଆକଳନ ବିଜ୍ଞପ୍ତି ଲାଗୁ କରି ଭୂମି ଅଧିଗ୍ରହଣ ରେ ଥିବା ପ୍ରତିବନ୍ଧକ ଉଠାଇଦେଲେ କର୍ପୋରେଟର ଓ ମାଲିକମାନେ ଜମି, ଜଳ, ଜଙ୍ଗଲ, ନଦୀ, ନାଳ, ଖଣି ରହିବା ସ୍ଥାନରେ ଅବାଧ ପ୍ରବେଶ କରିବେ । ବିଦ୍ୟୁତ ଆଇନ ପାରିତ କରି ବିଦ୍ୟୁତ ଉତ୍ପାଦନ ସରବରାହ ବଂଟନ କୁ କର୍ପୋରେଟର ହାତରେ ଦେଲେ । ଉପଭୋକ୍ତା କ୍ଷତି ସହିବେ । କରୋନା ସମୟରେ ତରବରିଆ ଭାବେ ସମସ୍ତ ବିଲ୍ କୁ ପାରିତ କରିଥିବାରୁ ବାମପନ୍ଥୀ ଦଳମାନେ ଆଜି ପୁରୀ ଜିଲା ପାଳ ଅଫିସ ସାମ୍ନା ରେ ଧର୍ମଘଟ କରିଥିଲେ । ଏଥିରେ ସିପିଆଇଏମ ସଂପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ସିପିଆଇ ସଂପାଦକ ପ୍ରଦୀପ୍ତ ମହାନ୍ତି, ସିପିଆଇଏମଏଲ ର ସଂପାଦକ ମୋହନ ନାଇଡୁ ଏଫବି ର ଜିତେନ୍ଦ୍ରିୟ ବେହେରା ମୋଦି ସରକାରଙ୍କ କୃଷକ ଓ କୃଷି ବିରୋଧି ଆଇନ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ମହାରଣା, ପ୍ରଫୁଲ୍ଲ ମହାପାତ୍ର, ଉମାରାଣୀ ବେହେରା, ସଶାଙ୍କ ମହାରଣା, ରଂଜିତ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଟୁନା ନାୟକ, ଗୋବିନ୍ଦ ଓଝା, ବିଭୁତି ରାଉତରାୟ ପ୍ରମୁଖ ବନ୍ଦ ରେ ସାମିଲ ଥିଲେ ।

ଜାତୀୟ ସେବା ଯୋଜନା ମୁକ୍ତଶାଖା ପକ୍ଷରୁ ଅନଲାଇନ ମାଧ୍ୟମରେ ଜାତୀୟ ସେବା ଦିବସ ପାଳିତ

ବାରିପଦା,୨୬।୯ (ନି.ପ୍ର): ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ମୁକ୍ତଶାଖା ପକ୍ଷରୁ ଶାଖାର କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ସ୍ମୃତି ରଞ୍ଜନ ଦାସଙ୍କ ଆବାହକତ୍ୱ ଏବଂ ଜାତୀୟ ସେବା ଯୋଜନା ବ୍ୟୁରୋର ସଂଯୋଜିକା ଅଧ

କୋଭିଡ୍-୧୯ ସମୟରେ ଶିଶୁମାନଙ୍କ ଶୈଶବର ବିକାଶର ମାଧ୍ୟମ ପାଲଟିଛି ଘରେ ଘରେ ଅରୁଣିମା

କାର୍ଯ୍ୟକ୍ରମରେ ପୁରୁଷମାନଙ୍କର ସକ୍ରିୟ ଅଂଶଗ୍ରହଣ

ଭୁବନେଶ୍ୱର, ୨୬ ସେପ୍ଟେମ୍ବର (ହି.ସ.) – କୋଭିଡ୍-୧୯ ମହାମାରୀ ସମୟରେ ମହିଳା ଓ ଶିଶୁ ବିକାଶ ଏବଂମିଶନ ଶକ୍ତି ବିଭାଗ ଦ୍ୱାରା ଘରେ ଘରେ ଅରୁଣିମା କ୍ୟାଲେଣ୍ଡରର କାର୍ଯ୍ୟକାରିତା ଏକ ସ୍ୱାଗତଯୋଗ୍ୟ, ପ୍ରେରଣାଦାୟୀ ଓ ସଫଳ ପଦକ୍ଷେପ । ଏହି ନୂତନ ପଦକ୍ଷେପ ମାଧ୍ୟମରେ ଘରେ ଘରେ ପୁରୁଷ ମାନଙ୍କର ଯେପରିକି ବାପା, ଦାଦା, ବଡ଼ବାପା, ଜେଜେବାପା, ଭାଇ, ମଉସା, ମାମୁଁ ମାନଙ୍କୁ ସାମିଲ କରି ସେମାନଙ୍କର ସହଭାଗିତାକୁ ନିଶ୍ଚିତ କରାଯାଇପାରିଛି । ଅପ୍ରେଲ ୨୦୨୦ରୁ ତାଲାବନ୍ଦ (ଲକ୍‌ଡାଉନ) ସମୟରେ ଏହା କାର୍ଯ୍ୟକାରୀ ହେଉଛି । ପ୍ରତି ମାସର ବିଷୟବସ୍ତୁକୁ ଘରେ ଘରେ ଅରୁଣିମା କ୍ୟାଲେଣ୍ଡର ମାଧ୍ୟମରେ କୌତୁହଳପୂର୍ଣ୍ଣ ଓ ଆନନ୍ଦଦାୟକ ଭାବେ ପ୍ରାକ୍ ବିଦ୍ୟାଳୟର ଶିଶୁମାନଙ୍କୁ ପରିବେଷଣ କରାଯାଉଛି । ଚଳିତ ସେପ୍ଟେମ୍ବର ମାସର ବିଷୟବସ୍ତୁ ପଶୁପକ୍ଷୀ ସମ୍ବନ୍ଧୀୟ କ୍ୟାଲେଣ୍ଡର ମାସ ଆରମ୍ଭ ପୂର୍ବରୁ ରାଜ୍ୟର ସମସ୍ତ ଜିଲଲାର ସମାଜ ମଙ୍ଗଳ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇଛି ଏବଂ ସମସ୍ତ ଯୋଗ୍ୟ ପରିବାର ଯେପରି ଏହା ପ୍ରାପ୍ତ ହେବେ ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ମାତାପିତା/ ଅଭିଭାବକ ମାନଙ୍କର ଆଣ୍ଡ୍ରଏଡ୍ ଫୋନ୍ ଓ ଇଂଟରନେଟ୍ ସୁବିଧା ଅଛି, ସେମାନଙ୍କୁ ହ୍ୱାଟସ୍ ଆପ୍ ମାଧ୍ୟମରେ ଘରେ ଘରେ ଅରୁଣିମା କ୍ୟାଲେଣ୍ଡର ପ୍ରେରଣ କରାଯାଉଛି ଏବଂ ସେମାନଙ୍କୁ ୟୁଟ୍ୟୁବ୍ ଲିଙ୍କ ପ୍ରଦାନ କରାଯାଉଛି । ଯେଉଁ ମାତାପିତା/ଅଭିଭାବକ ମାନଙ୍କର ଆଣ୍ଡ୍ରଏଡ୍ ଫୋନ୍ ସୁବିଧା ନାହିଁ, ସେମାନଙ୍କୁ ଏ-୩ କାଗଜରେ ଛପା ଯାଇଥିବା ରଙ୍ଗୀନ୍ ଘରେ ଘରେ ଅରୁଣିମା କ୍ୟାଲେଣ୍ଡର ପ୍ରଦାନ କରାଯାଉଛି । ପ୍ରାକ୍ ବିଦ୍ୟାଳୟର ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ନ ଆସି ମଧ୍ୟ ମାତାପିତା/ଅଭିଭାବକ ମାନଙ୍କ ସହଯୋଗରେ ଏକ କୌତୁହଳପୂର୍ଣ୍ଣ ପରିବେଶ ଭିତରେ ଏହି କ୍ୟାଲେଣ୍ଡର ମାଧ୍ୟମରେ ବିଭିନ୍ନ ଗୀତ, ଗପ, କେଳ, ନାଚ, ଚିତ୍ର, ଖେଳନା, ମୁକ୍ତ ବାର୍ତ୍ତାଳାପ, ଅଭିନୟ, ସଂଗୀତ ଇତ୍ୟାଦି ଦ୍ୱାରା ମାସର ବିଷୟବସ୍ତୁ ଘରେ ସମ୍ୟକ୍ ଧାରଣା ପାଇପାରୁଛନ୍ତି । ଏହି ଘରେ ଘରେ ଅରୁଣିମାର ଏକ ସକାରାତ୍ମକ ଦିଗ ହେଉଛି, ଏଥିରେ ପୁରୁଷମାନଙ୍କର ସକ୍ରିୟ ଅଂଶଗ୍ରହଣ । ବିଭିନ୍ନ ଜିଲ୍ଲାରୁ ଏ ସମ୍ପର୍କିତ ସୁନ୍ଦର ଫଟୋ ତଥା ପ୍ରତିକ୍ରିୟା ଆଦି ବିଭାଗର ହସ୍ତଗତ ହୋଇଛି, ଯେପରିକି ଏହି ମାସରେ ପଶୁପକ୍ଷୀ ବିଷୟରେ ନିଜ ପିଲା ସହିତ କାର୍ଯ୍ୟକ୍ରମ କରି ଜଣେ ବାପା କହୁନ୍ତି, ବହୁତ ଦିନ ପରେ ଦଳର ବଳ ବିଷୟରେ ବୁଝାଇବାକୁ ଯାଇ ଶିକାରୀ ଓ ପକ୍ଷୀ ଗପ ଝିଅକୁ କହିଲାବେଳେ ମତେ ବହୁତ ଖୁସି ଲାଗିଲା । ଘରେ ତାଲାବନ୍ଦୀ ସମୟରେ ପିଲାଙ୍କ ସହିତ ଗପିବାର ଆନନ୍ଦ ସବୁବେଳେ ମନେ ରହିବ । ଘରେ ଘରେ ଅରୁଣିମାର କ୍ୟାଲେଣ୍ଡରରେ କୋଭିଡ୍-୧୯ ମହାମାରୀ ସମୟରେ ହାତଧୁଆ ଅଭ୍ୟାସ, ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବା ଓ ଅନ୍ୟାନ୍ୟ ସୁଅଭ୍ୟାସ ସହ ପୁରୁଷମାନଙ୍କର ସକ୍ରିୟ ଯୋଗଦାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମକୁ ନିୟମିତ ପରିବାର ମଧ୍ୟରେ କରିବା ପାଇଁ ପ୍ରୋତ୍ସାହିତ କରାଯାଇଛି । ସୁଦୃଢ଼ ପାରିବାରିକ ବନ୍ଧନ ଓ ଶିଶୁର ସାମାଜିକ ଓ ବୌଦ୍ଧିକ ବିକାଶ ସହିତ ତାର ସମୃଦ୍ଧ ବ୍ୟକ୍ତିତ୍ୱ ଗଠନରେ ଘରର ପୁରୁଷ ସଦସ୍ୟ ମାନଙ୍କର ଅଧିକରୁ ଅଧିକ ସହଭାଗିତା ଏକାନ୍ତ କାମ୍ୟ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସହକାରୀ ଅପରେଟରଙ୍କ ବିୟୋଗରେ ଶୋକ

ବାରିପଦା ,୨୬।୯ (ନି.ପ୍ର): ମୟୂରଭଂଜର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର ସହକାରୀ ଅପରେଟର ବିକାଶ କୁମାର ବେହେରାଙ୍କର ଗତ ୨୫ ତାରିଖ ରେ ଭୁବନେଶ୍ୱର ଆମ୍ରି ହସପିଟାଲରେ ହୃଦଘାତ କାରଣରୁ ଅକାଳ ବିୟୋଗ ଘଟିଯାଇଛି । ସ୍ୱର୍ଗତ ବେହେରା ଜଣେ ଅମାୟିକ ଭଦ୍ରଲୋକ ଥିଲେ । ତାଙ୍କର ଅକାଳ ବିୟୋଗରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ରବିନ୍ଦ୍ର କୁମାର ନାୟକ ଏବଂ ଅଫିସର ସମସ୍ତ କର୍ମଚାରୀ ଶୋକ ବ୍ୟକ୍ତ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି କାମନା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଏବଂଏଭଳି ଦୁଃଖଦ ସମୟରେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ଜିଏସଟି ଚୋରୀକୁ ମୁଖ୍ୟମନ୍ତ୍ରୀ ସମର୍ଥନ କରୁଛନ୍ତି : ପଂଚାନନ କାନୁନଗୋ

ଭୁବନେଶ୍ୱର, ୨୬ ସେପ୍ଟେମ୍ବର – ଦେଶରେ ଜିଏସଟିକୁ ନେଇ ଏକ ଲଜ୍ଜ୍ୟାଜନକ ସ୍ଥିତି ଦେଖାଦେଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ଏକ ପ୍ରେସବାର୍ତ୍ତାରେ କହିଛନ୍ତି । ସେ କହିଛନ୍ତି ଜିଏସଟିର କ୍ଷତିଭରଣା କରିବା ପାଇଁ ରାଜ୍ୟମାନଙ୍କୁ କେବଳ ପ୍ରତିଶ୍ରୁତି ଦିଆଯାଇନଥିଲା ସାମ୍ପ୍ରତିକ ବ୍ୟବସ୍ଥା କରାଯାଇ ୨୦୨୨ ମସିହା ପର୍ଯ୍ୟନ୍ତ ୧୪%ରୁ କମ ଆଦାୟ ହେଲେ ତାର କ୍ଷତିପୂରଣ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦେବେ । କେବଳ ଏତିକି କୁହାଯାଇ ନଥିଲା ସେଥିପାଇଁ ଗୋଟିଏ ଅଧିନିୟମ ପ୍ରସ୍ତୁତ କରାଯାଇଥିଲା । ସେସ୍ ଆଦାୟ ହେବ, ସେସ୍ ଫଣ୍ଡ ତିଆରି ହେବ ଏବଂ ସେହି ଫଣ୍ଡରୁ ସମସ୍ତଙ୍କୁ ଟଙ୍କା ବଂଟା ଯିବ । ଯେଉଁ ରାଜ୍ୟ ମାନଙ୍କରେ କମ ଆଦାୟ ହୋଇଥିବ ସେହି ରାଜ୍ୟମାନଙ୍କୁ ଟଙ୍କା ବଂଟା ଯିବ । ଏବଂ ସେଥିରେ ଏକଥା ମଧ୍ୟ କୁହାଯାଇଥିଲା ଯଦି ସବା ଶେଷରେ ଟଙ୍କା ବଳିଲା ତାହାଲେ କିପରି ରାଜ୍ୟମାନଙ୍କ ଭିତରେ ଓ କେନ୍ଦ୍ର ଭିତରେ ବଂଟନ ହେବ ସେ ବ୍ୟବସ୍ଥା ଏଥିରେ ମଧ୍ୟ କରାଯାଇଥିଲା । ସେହି ଫଣ୍ଡ କ୍ରିଏଟ କରିବା ପାଇଁ ଯେଉଁ ସେସ୍ ଆଦାୟ ହେଉଥିଲା ଆଜି ସିଏଜି ରିପୋର୍ଟରେ ଆସିଲାଣି ଯେ ଏହାକୁ ସରକାର ନେଇଯାଇଛନ୍ତି ତାଙ୍କର କନ୍‌ସୋଲେଡେଟେଡ ଫଣ୍ଡକୁ । ଜିଏସ୍‌ଟି ଚୋରି ଧରାଯିବ ବୋଲି ସାରା ଭାରତବର୍ଷରେ ଡିଣ୍ଡିମ ପିଟାଯାଉଥିଲା କିନ୍ତୁ ଲଜ୍ଜ୍ୟାଜନକ ସ୍ଥିତି ହେଉଛି କି ସରକାର ସିଏଜି ରିପୋର୍ଟ ଅନୁସାରେ ସବୁଠାରୁ ବଡ଼ ଜିଏଷ୍ଟି ଚୋର ଭାବରେ ନିଜକୁ ଉପସ୍ଥାପିତ କରିଛନ୍ତି । ଗତବର୍ଷ ୧୮-୧୯, ୧୭-୧୮ ଏବଂ ୧୬-୧୭ ମସିହାରେ ପାଖାପାଖି ୫୦ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜିଏସ୍‌ଟି ସେସ୍ ଟଙ୍କାକୁ ଡାଇର୍ଭଟ କରିନେଇଛନ୍ତି । ତାହା ଯଦି ଥାଆନ୍ତା ତାହାଲେ ରାଜ୍ୟମାନେ ଆଜି ଯେଉଁ ବିକିଳିଆ ଅବସ୍ଥାରେ ଋଣ କରିବାକୁ ଯାଉଛନ୍ତି ହୁଏତ ସେଥିରୁ ଲାଘବ ହୋଇଥାନ୍ତା । ଏହି ଅବିଶ୍ୱାସନୀୟ ଅବସ୍ଥା ସାମ୍ପ୍ରତିକ ବ୍ୟବସ୍ଥାକୁ ଲଂଘନ କରିବା, ଜିଏସଟି ଟଙ୍କାକୁ ବାଟବାରଣା କରିବା ବା ଅନ୍ୟତ୍ର ନେଇଯିବା ଏହାକୁ ଅନ୍ୟଭାବରେ ଚୋରି ବୋଲି କୁହାଯାଇପାରେ ଏବଂ ସବୁଠାରୁ ବଡ଼ ବିଶ୍ୱାସଘାତକତା ସୃଷ୍ଟି କରି କେନ୍ଦ୍ର ସରକାର ଯାହାକି ମୋଦି ସାହାଙ୍କର ସରକାର ବା ସୀତାରମଣଙ୍କ ସରକାର ରାଜ୍ୟବାସୀଙ୍କୁ ସଂକଟକୁ ଠେଲି ଦେଇଛନ୍ତି । ଏ ସମ୍ପର୍କରେ ପ୍ରତ୍ୟେକ୍ଷ ଭାବରେ ଏକ ସ୍ପଷ୍ଟୀକରଣ କେନ୍ଦ୍ରସରକାର ବା ତାଙ୍କ ଯେଉଁ ପ୍ରତିନିଧି ମାନେ ଭାରତୀୟ ଜନତାପାର୍ଟିରେ ଅଛନ୍ତି ରାଜ୍ୟମାନଙ୍କରେ ତାଙ୍କ ମନ୍ତ୍ରୀ ବା ତାଙ୍କ ଲୋକମାନେ ତାକୁ ସାଧାରଣରେ ଉପସ୍ଥାପନ କରିବା ଉଚିତ୍ ବୋଲି ଶ୍ରୀ କାନୁନଗୋ କହିଛନ୍ତି । ଏହି ଚୋରୀକୁ ଓଡ଼ିଶା ସରକାର ସହାୟତ ଦେଇଛନ୍ତି ତାହା ଏକ ବିଶ୍ୱାସ ଘାତକତା । କାରଣ ଓଡ଼ିଶା ସରକାର ଏହାର ପ୍ରତିବାଦ କଲେ ନାହିଁ । କିନ୍ତୁ ଅନ୍ୟ ଯେଉଁମାନେ କେନ୍ଦ୍ର ବିଜେପି ସରକାରଙ୍କ ବିରୋଧି ସହ ଅଛନ୍ତି ସେମାନେ ତାଙ୍କ ରାଜ୍ୟର ଓ ଲୋକଙ୍କ ସ୍ୱାର୍ଥପାଇଁ ଜିଏସଟି ବାବଦରେ ପାଟିକରି ନିଜର ହକ୍‌ପାଇଁ ଦାବିକରୁଥିବା ବେଳେ ରାଜ୍ୟ ସରକାର ତାହା କଲେ ନାହିଁ । ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ନବୀନ ପଟ୍ଟନାୟକ ଚୋର ଆଉ ଚୋରିକୁ ସମର୍ଥନ ଦେଇ ନିଜେ ନିଜର ମୁଖା ଖୋଲିଦେଇଛନ୍ତି । ଜନସାଧାରଣଙ୍କୁ ଏ ସମ୍ପର୍କରେ ସ୍ୱଷ୍ଟଭାବେ ଜଣାଇବା ପାଇଁ ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ ଦାବି କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

୧୨ ଜିଲ୍ଲାକୁ...

ସମ୍ଭାବନା ଅଛି । ରାୟଗଡା, ମାଲକାନଗିରି, କୋରାପୁଟ, ଗଜପତି, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଖୋର୍ଧା, ଗଞ୍ଜାମ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଗୋଟିଏ ଦିନରେ...

ରାୟଗଡା ଜିଲ୍ଲାରେ ୧୨୧, ସମ୍ବଲପୁର ଜିଲ୍ଲାରେ ୮୧ ,ସୋନପୁର ଜିଲ୍ଲାରେ ୧୪ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୩୨୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ରାଜ୍ୟରେ ଆଉ...

ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୫୩ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୮୦ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ପୁରୀ ଜିଲ୍ଲାର ଜଣେ ୬୨ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୪୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ଜଣେ ୫୮ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ରୋଗରେ ପୀଡିତଥିଲେ । ସେହିପରି ଜଗତସିଂହପୁର ଜିଲ୍ଲାର ଜଣେ ୬୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଯାଜପୁର ଜିଲ୍ଲାରେ ଜଣେ ୫୨ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ୧

ଗୋଟିଏ ଦିନରେ ...

ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୫୯୧୪ , ମାଲକାନଗିରି ଜିଲ୍ଲାରେ ୩୪୨୨, ମୟୁରଭଂଜ ଜିଲ୍ଲାରେ ୭୫୦୬. ନବରଙ୍ଗପୁର ଜିଲ୍ଲାରେ ୩୩୪୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୪୫୪୫, ନୂଆପଡା ଜିଲ୍ଲାରେ ୨୭୪୦ , ପୁରୀ ଜିଲ୍ଲାରେ ୯୪୪୧, ରାୟଗଡା ଜିଲ୍ଲାରେ ୭୨୪୨. ସମ୍ବଲପୁର ଜିଲ୍ଲାରେ ୫୫୧୬ . ସୁବର୍ଣ୍ଣପୁର ଜିଲ୍ଲାରେ ୨୬୯୮ ଓ ସୁନ୍ଦରଗଡ ଜିଲ୍ଲାରେ ୭୧୬୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୪୨୯୫ ହୋଇଛି ।

ସୁସ୍ଥରେ ରେକର୍ଡ : ...

ଜିଲ୍ଲାରୁ ୯୭ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୯୨ ଜଣ, ସମ୍ବଲପୁର ଜିଲ୍ଲାରୁ ୯୧ ଜଣ, କେନ୍ଦୁଝର ଜିଲ୍ଲାରୁ ୯୦ ଜଣ, କନ୍ଧମାଳ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୮୯ ଜଣ ଲେଖାଏଁ, ଭଦ୍ରକ ଜିଲ୍ଲାରୁ ୮୬ ଜଣ, ମାଲକାନଗିରି ଜିଲ୍ଲାରୁ ୬୬ ଜଣ, ବଲାଙ୍ଗୀର ଜିଲ୍ଲାରୁ ୬୫ ଜଣ, ବୌଦ୍ଧ ଜିଲ୍ଲାରୁ ୬୧ ଜଣ, ଗଂଜାମ ଜିଲ୍ଲାରୁ ୫୬ ଜଣ, ନୂଆପଡ଼ା ଜିଲ୍ଲାରୁ ୫୩ ଜଣ, ରାୟଗଡ଼ା ଜିଲ୍ଲାରୁ ୫୧ ଜଣ, ନୟାଗଡ଼ ଜିଲ୍ଲାରୁ ୪୨ ଜଣ, ଦେବଗଡ଼ ଜିଲ୍ଲାରୁ ୧୬ ଜଣ, ଗଜପତି ଜିଲ୍ଲାରୁ ୧୩ ଜଣ ଓ ରାଜ୍ୟପୁଲରୁ ୫୮୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ଭୁବନେଶ୍ୱରରୁ ...

ସ୍ଥାନୀୟ ସଂକ୍ରମିତ ମଧ୍ୟରେ ନୟାପଲ୍ଲୀରୁ ୧୬ ଜଣ , ପଟିଆରୁ ୧୩, ଚନ୍ଦ୍ରଶେଖରପୁରରୁ ୧୨, ଶୈଳଶ୍ରୀବିହାର ଓ ସାଲିଆସାହିରୁ ୧୧ ଜଣ ଲେଖାଏଁ , ଖଣ୍ଡଗିରିରୁ ୧୦ ଜଣ, ନିଳାଦ୍ରୀ ବିହାର, ୟୁନିଟ-୯, ମଂଚେଶ୍ୱର କଲୋନି, ନିଳାଦ୍ରୀବିହାର ,ଡୁମଡୁମାରୁ ୮-୮ ଜଣ, ଆଇଆରସି ଭିଲେଜ, ଝାରପଡା, ଚିନ୍ତାମଣିଶ୍ୱର, ରସୁଲଗଡ଼୭ ଜଣ ଲେଖାଏଁ, ସାମନ୍ତରାପୁରରୁ ୬ ଜଣ, ବରମୁଣ୍ଡାରୁ ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଜିଲ୍ଲାର ଅପହଞ୍ଚ...

ବନ୍ଦୋର ଗସ୍ତ କରି ଚନ୍ଦ୍ରପୁର ଅଞ୍ଚଳର ଉନ୍ନତି ନିମନ୍ତେ ଚେଷ୍ଟା କରିଥିବା ବେଳେ ଆଜିକାର ଶ୍ରୀ ସୋନାଲଙ୍କ ଗସ୍ତ ଅଞ୍ଚଳ ବାସୀଙ୍କ ମନରେ ନୂଆ ଉନ୍ମାଦନା ସୃଷ୍ଟି କରିଛି । ଉପ ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଜର୍ଜ ଡୁଙ୍ଗଡୁଙ୍ଗ, ତହସିଲଦାର ଶ୍ରୀମତୀ ଇସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଅଖିଳ ଭାରତ ମହାସଭା ତରଫରୁ ଗୁଣୁପୁର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଗୁଣୁପୁର ,୨୬।୯ (ନି.ପ୍ର): ଅଖିଳ ଭାରତୀୟ ମହାସଭା ତରଫରୁ ଗୁଣୁପୁର ଠାରେ ଆଜି ଏକ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସିପିଆଇଏମ୍‌ଏଲ ଗଣସଂଗଠନର ନେତା ଶ୍ରୀଯୁକ୍ତ ତିରୁପତି ଗମାଙ୍ଗଙ୍କ ନେତୃତ୍ୱରେ ଏକ ବିଶାଳ ଜନସମାଗମ ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜର ୧୫ଦଫା ଦାବିନେଇ ଦେଶ ବ୍ୟାପି ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣୁପୁର ସହରରୁ ଏକ ବିଶାଳ ରାଲି ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଶ୍ରୀଯୁକ୍ତ ଗମାଙ୍ଗ ଏହି ଦାବି ଗୁଡିକୁ ଲିଖିତ ମାଧ୍ୟମରେ ଉପସ୍ଥାପନା କରିଛନ୍ତି ଯଥା କୃଷି ଋଣ ଛାଡ କରିବା, କୃଷି ଅଧ୍ୟାଦେଶ ବିଲ ବାତିଲ କରିବା, କୃଷି ଦ୍ରବ୍ୟର ସହାୟକ ମୂଲ୍ୟ ଦେଇ ଗୁଣ କରିବା, ପ୍ରାଇଭେଟ ମଣ୍ଡି ବନ୍ଦ କରିବା, ନୂତନ ବିଦ୍ୟୁତ ସଂଶୋଧନ ବିଲ ବନ୍ଦ କରିବା, କମ୍ପାନୀ ପକ୍ଷରୁ ଠିକା ଚାଷ ବ୍ୟବସ୍ଥା ବାତିଲ କରିବା, ଭାଗଚାଷୀ ମାନଙ୍କୁ ଚାଷୀର ମାନ୍ୟତା ପ୍ରଦାନ କରିବା, କୃଷି କ୍ଷେତ୍ରରେ କର୍ପୋରେଟ ହାତରେ ଟେକିଦେବା ବନ୍ଦ କରିବା, ମନେରେଗା କାମରେ ବର୍ଷକୁ ଦୁଇଶହ ଦିନ କାମ ଏବଂ ଦିନିକିଆ ମଜୁରୀ ପାଞ୍ଚଶହ ଟଙ୍କା ଯୋଗାଇ ଦେବା, ପରିବେଶଗତ ପ୍ରଭାବ ଆକଳନ ନାମରେ ପରିବେଶ ଧ୍ୱଂସକୁ ବନ୍ଦ କରିବା, ଅନ୍ୟାନ୍ୟ ୧୫ଦଫା ଦାବି ଉପସ୍ଥାପନ କରିଥିଲେ । ମଜଦୁର ଓ ପ୍ରବାସୀ ଶ୍ରମିକ ମାନଙ୍କୁ ମନରେଗା ତରଫରୁ ୨୦୦ଦିନ କାମ ଓ ୫୦୦ଟଙ୍କା ମଜୁରୀ ପ୍ରଦାନ, ଏହି ଶୋଭାଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଶୋଭାଯାତ୍ରା ଗୁଣୁପୁର ନୂଆ ବସଷ୍ଟାଣ୍ଡ ଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ପଦଯାତ୍ରା କରିଥିଲେ । ଯଥାଶୀଘ୍ର ଏହିସବୁ ଦାବି ପୂରଣ ନହେଲେ ଆଗାମୀ ଦିନରେ ଏକ ବିଶାଳ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀଯୁକ୍ତ ତିରୁପତି ଗମାଙ୍ଗ ଚେତାବନୀ ଦେଇଛନ୍ତି ।

ସୀମା ବିବାଦ ସୁଧୁରୁନି:ପୁଣି ଓଡିଶା ଜମି ଉପରେ ଛତିଶଗଡ ଚାଷୀଙ୍କ ମକାଚାଷ ଅଭିଯୋଗ

ନୂଆପଡା,୨୬।୯ (ନି.ପ୍ର): ନୂଆପଡା ଜିଲ୍ଲା ସୀମାନ୍ତ ଅଂଚଳରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଓଡିଶା-ଛତିଶଗଡ ସୀମା ବିବାଦ ପ୍ରଶାସନର ବାରମ୍ବାର ପ୍ରୟାସ ସତ୍ତ୍ୱେ ସମାଧାନର ନା ଧରୁନି । ପୁଣି ଓଡିଶାର ଜମି ଛତିଶଗଡ ଚାଷୀଙ୍କ କବଜାରେ ରହିଥିବା ଅଭିଯୋଗ ହେଉଛି । ଏନେଇ ସୀମାରେ ବାରମ୍ବାର ଚାପା ଉଡ ଜନା ଲାଗି ରହିଥିବା ବେଳେ ଏହା ଚାଷୀ ମାନଙ୍କ ପାଇଁ ବଡ ସମସ୍ୟାର କାରଣ ପାଲଟିଛି । ସୂଚନା ଯୋଗ୍ୟ ଯେ ଛତିଶଗଡ ସୀମାନ୍ତ ସିନାପାଲି ତହସିଲ ଅ ଳରେ ଓଡିଶାର ଚାଷଜମି ଉପରେ ଛତିଶଗଡ ଚାଷୀମାନେ ଜବରଦଖଲ କରିଆସୁଥିବା ଅ

ରବିବାର, ୨୭ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ବିଚ୍ଛିନ୍ନାଞ୍ଚଳ ରାଇବଣିଆରେ ପ୍ରଥମ ଏଟିଏମ୍ ସେବା : ଆଦିବାସୀ ଅଂଚଳରେ ଖୁସିର ଲହରି

ଜଳେଶ୍ୱର, ୨୬/୯ (ନି.ପ୍ର) : ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ବିଚ୍ଛିନ୍ନାଞ୍ଚଳଭାବେ ପରିଚିତ ତଥା ଆଦିବାସୀ ଅଧୁସୀତ ରାଇବଣିଆରେ ଖୋଲିଛି ଏକ ଏଟିଏମ୍ । ଫଳରେ ସେ ଅଂଚଳରେ ଥିବା ୧୪ଟି ପଂଚାୟତବାସୀଙ୍କ ମନରେ ଖୁସୀର ଲହରି ଖେଳି ଯାଇଛି । ରାଇବଣିଆର ତିନିପଟେ ସୁବର୍ଣ୍ଣରେଖା ନଦୀ ଥିବା ବେଳେ ପ୍ରତ୍ୟେକ କାର୍ଯ୍ୟପାଇଁ ବ୍ଲକ ସଦର ମହାକୁମା ଜଳେଶ୍ୱରକୁ ଆସିବାକୁ ପଡିଥାଏ । ୧୪ଟି ଫଂଚାୟତର ପ୍ରାୟ ୧ଲକ୍ଷ ଲୋକ ମାତ୍ର ୩ଟି ବ୍ୟାଙ୍କ ଉପରେ ନିର୍ଭର ରହୁ ଥିବାରୁ ପ୍ରତିଦିନ ବ୍ୟାଙ୍କ ଆଗରେ ଖରା, ବର୍ଷା, ଶୀତ ସହି ଶହ ଶହ ଲୋକ ଲାଇନ୍‌ରେ ଥାନ୍ତି । କିନ୍ତୁ ବହୁ ବ୍ୟକ୍ତିଙ୍କର ଆବେଦନ ଓ ଦାବି ଫଳରେ ୟୁନିୟନ ବ୍ୟାଙ୍କ, ଜଳେଶ୍ୱର ଶାଖା ପକ୍ଷରୁ ଚମାରଗାଁ ପଂଚାୟତର ଚାଫଲା ବାସନ୍ତିପଡିଆଠାରେ ଏକ ଏଟିଏମ୍ ସେବା ଯୋଗାଇ ଦିଆଯାଇଛି । ଏହି ସେବା ଲୋକାର୍ପିତ ହେବାବେଳେ ପୂର୍ବତନ ସରପଂଚ କୃଷ୍ଣ ପ୍ରସାଦ ଦାସ, ସମାଜସେବୀ ମନୋରଂଜନ ଦେ, ବିଜୟ କେତନ ଜେନା, ଦେବାଶିଷ ଦାସ, ପ୍ରବିର ଚାନ୍ଦ ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ଏଟିଏମ୍‌ସେବା ଖୋଲାହେବାପରେ ସେ ଅଂଚଳର ଖୁସୀର ଲହରୀ ଖେଳି ଯାଇଛି ।

ଶବକୁ ମିଳିଲାନି ଚାରିକାନ୍ଧ : ଶେଷରେ ପ୍ରଶାସନ ସହାୟତାରେ ହେଲା ଶବ ସତ୍କାର

ବାରିପଦା ,୨୬।୯ (ନି.ପ୍ର): କରୋନା ସଂକ୍ରମଣର ଭୟ ମଣିଷ ଠାରୁ ଆଜି ଛଡେଇ ନେଇଛି ମାନବିକତା । ନା ବନ୍ଧୁ-ବର୍ଗ, ନା ଜ୍ଞାତି-କୁଟୁମ୍ବ ନା ସାହି ଭାଇ କେହିବି ସଂକ୍ରମଣ ଭୟରେ ଶବ ଛୁଇଁବାକୁ ନାରାଜ । ଏଭଳି ଅନେକ ଘଟଣା ବିଭିନ୍ନ ସମୟରେ ଘଟିଚାଲୁଥିଲେ ବି ଏହାର କୌଣଷି ସମାଧାନ କରିବା ନା ପ୍ରସାଶନ ନା ସାମାଜିକ କର୍ମୀ କାହାପାଇଁ ବି ଏତେ ସହଜ ହେଉନାହିଁ । ଆମ ସମାଜରେ ଶବକୁ ସବୁବେଳେ ସ୍ୱତନ୍ତ୍ର ସମ୍ମାନ ଦିଆଯାଉଥିବା ବେଳେ ଏବେ ଶବ ପାଲଟି ଯାଉଛି ଅସହାୟ । କାନ୍ଧ ଦେବାତ ଦୂରର କଥା ଛୁଇଁବାକୁ ବି ସାହାସ ଜୁଟାଇ ପାରୁ ନାହାନ୍ତି ଲୋକେ । ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଂଟା ବ୍ଲକର ଧନପୁର ଗ୍ରାମରେ । ଏହି ଗ୍ରାମର ଶ୍ରୀବତ୍ସ ବେହେରାଙ୍କ ପରିବାରରେ ନିଜେ ଶ୍ରୀବତ୍ସ ବେହେରା ଓ ତାଙ୍କର ରୋଜଗାରିଆ ପୁଅ ପ୍ରବୀର କୁମାର ବେହେରା ଯିଏକି ନହଣ୍ଡାଶୋଳ ଆଶ୍ରମ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ ଉଭୟ କିଛି ଦିନତଳେ କୋଭିଡ ଆକ୍ରାନ୍ତ ହେବାର ଜଣାପଡିବାରୁ ପୁତ୍ର ପ୍ରବୀର୮୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କୋଭିଡ ହସପିଟାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ଶରୀର ଅଧିକ ଅସୁସ୍ଥ ହେଲା ଏବଂ ଶେଷରେ ସେ ମୃତ୍ୟୁବରଣ କଲେ । ବାପା ସ୍ରୀବତ୍ସ କୋଭିଡ ରୁ ସୁସ୍ଥ ହୋଇ ଘରକୁ ଫେରିଲେ । ଗତକାଲି ୨୪ ତାରିଖ ତାଙ୍କ ପୁଅର ଦଶାହ କର୍ମ ଥିଲା । ସବୁ ଠିକଠାକ ଚାଲିଥିବା ବେଳେ ରାତିରେ ହଠାତ ଶ୍ରୀବତ୍ସଙ୍କ ପ୍ରାଣବାୟୁ ଉଡିଗଲା । ତେବେ ଉକ୍ତ ପରିବାରରେ ଅନ୍ୟକେହି ପୁରୁଷ ଲୋକ ନଥିବାରୁ ଘରଲୋକେ ଜ୍ଞାତି କୁଟୁମ୍ବ ତଥା ପୋଡଶୀ ସମସ୍ତଙ୍କୁ ଜଣାଇବା ପରେମଧ୍ୟ କେହି ଆସିନଥିଲେ । ଶବ ପଡି ରହିଥିଲା ବେସାହାରା ହୋଇ । ଦୀର୍ଘ ସମୟ ପରେ ନିରୁପାୟ ହୋଇ ଆଜି ସ୍ଥାନୀୟ ସରପଂଚ , ବ୍ଲକ ପ୍ରସାଶନ ସବୁ ଆଡେ ଖବର ଦିଆଯାଇଥିଲେ ମଧ୍ୟ ସହସା କୌଣଷି ସମାଧାନର

ବାଟ ବାହାରି ନଥିଲା । ଏବାବଦରେ ଜିଲ୍ଲାପାଳ, ଜିଲ୍ଲା ଜରୁରୀ ଅଧିକାରୀ, ବି.ଡି.ଓ. ପ୍ରମୁଖ ଉଚ୍ଚ ଅଧିକାରୀଙ୍କୁ ସାମାଜିକ କର୍ମୀ ମାନେ ଅବଗତ କଲା ପରେ ଜିଲ୍ଲାପ୍ରସାଶନ ତଥା ବ୍ଲକ ପ୍ରସାଶନ ଘଟଣାକୁ ଗୁରୁତର ସହକାରେ ନେଇ ଶବ ସତ୍କାରର ବ୍ୟବସ୍ଥା କରିଥିଲେ । ନିଜେ ଶ୍ୟାମାଖୁଂଟା ବି.ଡି.ଓ. ଘଟଣା ସ୍ଥଳରେ ଉପସ୍ଥିତ ରହି କେହି ଜ୍ଞାତି କୁଟୁମ୍ବ କିମ୍ବା ପୋଡଶୀ ଶବସତ୍କାର ରେ ସହେଯାଗ କରିବାକୁ ରାଜି ନହେବାରୁ ସରପଂଚଙ୍କ ମାଧ୍ୟମରେ ଜିଲ୍ଲା ପ୍ରସାଶନ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇ ଶବସତ୍କାର କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ଟିମକୁ ଡାକି ଘରୁ ଶ୍ରୀବତ୍ସଙ୍କ ଶବ ଉଠା ଯାଇଥିଲା । ତେବେ ଏଭଳି ହୃଦୟ ବିଦାରକ ଘଟଣା ସ୍ଥାନୀୟ ଅଂଚଳରେ ଚହଳ ପକାଇ ଥିବା ବେଳେ କରୋନା ସଂକ୍ରମଣର ଭୟ ଲୋକଙ୍କ ଠାରୁ ମାନବିକତା ଛଡେଇ ନେଉଥିବାର ଦେଖାଯାଉଛି । ଶ୍ରୀବତ୍ସଙ୍କ ଘର ତଥା ଗ୍ରାମକୁ କୋଭିଡ ରୁଲ ଆଧାରରେ ଆସନ୍ତାକାଲି ସାନିଟାଇଜ କରାଯିବା ସହିତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ସମ୍ପାଦନ କରାଯିବ ବୋଲି ଶ୍ୟାମାଖୁଂଟା ବି.ଡି.ଓ. ଜୟକୃଷ୍ଣ ପାତ୍ର ଆମ ପ୍ରତିନିଧିଙ୍କୁ କହିଛନ୍ତି ।

ଛାତ୍ରଛାତ୍ରୀଙ୍କୁ ରେଡିଓ ଓ ସ୍ମାର୍ଟ ଫୋନ୍ ଯୋଗାଇ ଦେବାକୁ ଦାବିକଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୬।୯ (ନି.ପ୍ର): କରୋନା ମହାମାରୀ ଯୋଗୁଁ ସ୍କୁଲ୍, କଲେଜ ସବୁ ଦୀର୍ଘ ୬ ମାସ ହେଲା ବନ୍ଦ ଅଛି । ଏହାଦ୍ୱାର ଛାତ୍ରଛାତ୍ରୀମାନଙ୍କର ପାଠପଢା ହୋଇପାରୁନାହିଁ । ଟି.ଭି. ମାଧ୍ୟମରେ, ଅନ୍‌ଲାଇନ୍‌ରେ କେତେକ ସ୍କୁଲ୍ କଲେଜ ପାଠ ପଢାଉଛନ୍ତି । କିନ୍ତୁ ସମସ୍ତଙ୍କ ପାଖରେ ସ୍ମାର୍ଟ ଫୋନ୍ ନାହିଁ କିମ୍ବା ରାଜ୍ୟର ଅଧିକାଂଶ ଗାଁକୁ ଟେଲି ଯୋଗାଯୋଗର ମଧ୍ୟ ବ୍ୟବସ୍ଥା ନାହିଁ । ବିଶେଷତଃ ରାଜ୍ୟର ୫୩,୩୫୩ ଗ୍ରାମ ମଧ୍ୟରୁ ୧୧ ହଜାର ଗାଁରେ ଟେଲି ଯୋଗାଯୋଗ ପହଂଚି ପାରିନାହିଁ । ଏଭଳିକି ୯,୯୪୦ଟି ଆଦିବାସୀ ଅଧୁଷିତ ଗାଁ ଏଥିରେ ଅନ୍ତର୍ଭୁକ୍ତ । ଯେତିକି ସ୍ଥାନରେ ଟେଲି ଯୋଗାଯୋଗ ବ୍ୟବସ୍ଥା ଅଛି, ସେଠାରେ ଗୁଣାତ୍ମକ ଟେଲି ଯୋଗାଯୋଗର ଅଭାବ ରହୁଛି । ତେଣୁ ଛାତ୍ରଛାତ୍ରୀମାନେ କେତେବେଳେ ପାହାଡ଼ ଉପରେ, କେତେବେଳେ ଗଛ ଉପରେ, କେତେବେଳେ ପାଣି ଟାଙ୍କିରେ ଚଢି ଅନ୍‌ଲାଇନ୍ ଶିକ୍ଷା ଗ୍ରହଣ କରୁଥିବାର ଚିତ୍ର ଆମ୍ଭେ ଗଣମାଧ୍ୟମରେ ଦେଖିବାକୁ ପାଉଛୁ । ସେହିଭଳି ବହୁ ଗରିବ ଲୋକ, ଦିନ ମଜୁରିଆ ନିଜ ପୁଅ ଝିଅଙ୍କୁ ସ୍ମାର୍ଟ ଫୋନ୍‌ଟିଏ କିଣିଦେବାର ସାମର୍ଥ୍ୟ ନଥିବାରୁ କିଏ ଗାଈ, ବଳଦ ବିକୁଛି ତ, କିଏ ନିଜକୁ ପର ଘରେ ବନ୍ଧା ପକାଇ ସ୍ମାର୍ଟଫୋନ୍‌ଟିଏ ନିଜ ପୁଅ ଝିଅକୁ ଦେଉଛି । ଏହି କରୁଣା ଚିତ୍ରରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଅତିଥିରେ ଯେମିତି ଚାଷୀମାନଙ୍କୁ ମୋବାଇଲ୍ ଫୋନ୍ ପ୍ରଦାନ କରିଥିଲେ ସେହିଭଳି ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅନଲାଇନ୍ ଶିକ୍ଷାର ସୁବିଧା ପାଇଁ ସ୍ମାର୍ଟ ଫୋନ୍ ଗୋଟିଏ ଲେଖାଏଁ ଯୋଗାଇ ଦେବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଦାବି କରିଛନ୍ତି । ରାଜ୍ୟ ସରକାର ଆସନ୍ତା ୨୮ ତାରିଖ ସୋମବାରଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ 'ରେଡିଓ ପାଠଶାଳା' କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ରାଜ୍ୟର ସମସ୍ତ ରେଡିଓ ଷ୍ଟେସନ୍‌ରେ ଆସନ୍ତା ୨୮ ତାରିଖ ଦିନ ୧୦ଟାରୁ ୧୦ଟା୧୫ ମିନିଟ୍ ପର୍ଯ୍ୟନ୍ତ ଏହି ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ରେଡିଓ ଷ୍ଟେସନ୍‌ରୁ ପାଠପଢା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କିନ୍ତୁ ଅଧିକାଂଶ ଲୋକଙ୍କ ଘରେ ରେଡ଼ିଓ ନାହିଁ । ଯାହାଫଳରେ ରାଜ୍ୟର ୩୮ଲକ୍ଷ ଛାତ୍ରଛାତ୍ରୀ 'ରେଡ଼ିଓ ପାଠଶାଳା' କାର୍ଯ୍ୟକ୍ରମରୁ ବାଦ୍ ପଡ଼ିବାକୁ ଯାଉଛନ୍ତି । କୌଣସି ଏକ ଯୋଜନା ହାତକୁ ନେବା ପୂର୍ବରୁ ସରକାର ଚିନ୍ତା କରିବା ଉଚିତ୍, ଆମ ରାଜ୍ୟରେ ଏହିସବୁ କାର୍ଯ୍ୟକ୍ରମ ପାଇଁ ଭିତି ଭୂମି ଅଛି ନା ନାହିଁ । ଯଦି ନାହିଁ, ଭିତିଭୂମି ସଜାଡିବା ପାଇଁ ଆବଶ୍ୟକୀୟ ପ୍ରଶାସନିକ ପଦକ୍ଷେପ ନେଇ କାର୍ଯ୍ୟକ୍ରମ ହାତକୁ ନେଲେ ଏହା ସାଧାରଣ ଲୋକଙ୍କ ପାଖରେ ପହଂଚି ପାରନ୍ତା । ତେଣୁ ରାଜ୍ୟର ଛାତ୍ରଛାତ୍ରୀଙ୍କର ଭବିଷ୍ୟତକୁ ଆଖି ଆଗରେ ରଖି ରାଜ୍ୟ ସରକାର ତୁରନ୍ତ ରେଡ଼ିଓ ଏବଂ ସ୍ମାର୍ଟଫୋନ୍ ଯୋଗାଇ ଦେବାପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ସଭାପତି ଶ୍ରୀ ବେହେରା ଆଜି ଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି ।

କୋଭିଡ୍ ରୋଗୀଙ୍କ ପାଇଁ ମାଗଣା ଡାକ୍ତରୀ ପରାମର୍ଶ ସେବା ଆରମ୍ଭ କଲା 'ଓଡିଶା ପଜିଟିଭ୍'

ବାରିପଦା ,୨୬।୯ (ନି.ପ୍ର): ଓଡିଶାର କୋଭିଡ୍ ପ୍ରପୀଡ଼ିତ ରୋଗୀଙ୍କୁ ଟେଲିଫୋନ୍ ଯୋଗେ ମାଗଣା ସେବା ଯୋଗାଇ ଦେବାପାଇଁ ଓଡ଼ିଆ ବୁଦ୍ଧିଜୀବୀଙ୍କ ଆନ୍ତର୍ଜାତିକ ସଂଗଠନ ଓଡିଶା ପଜିଟିଭ୍ ପକ୍ଷରୁ ଏହି ଅଭିନବ ବ୍ୟବସ୍ଥା କରାଯାଇଛି । ଏହି ସେବା ଲାଗୁ କରିବାପାଇଁ ସଂଗଠନ ମେଡ଼ଟେଲ୍ ନାମକ ଏକ ଡାକ୍ତରୀ ସଂସ୍ଥା ସହ ରାଜିନାମା କରିଛି । ଏହି ବ୍ୟବସ୍ଥା ଅନୁଯାୟୀ କୋଡିଡ୍ ରୋଗରେ ପୀଡ଼ିତ ହୋଇଥିବାର ସନ୍ଦେହ ଥିଲେ ଓଡିଶାର ଯେକୌଣସି ଅଂଚଳର ରୋଗୀ ନିଜ ମୋବାଇଲ୍ ଫୋନରୁ ୯୬୬୭୩୦୮୭୭୭ ନମ୍ବରକୁ ଏକ ମିସ୍ କଲ୍ କରିବେ । ଅନୁଷ୍ଠାନ ପକ୍ଷରୁ ତୁରନ୍ତ ତାଙ୍କୁ କଲ୍ କରାଯିବ ଏବଂ ପରିସ୍ଥିତିର ଗମ୍ଭୀରତା ଅନୁସାରେ ପ୍ରାଥମିକ ଡାକ୍ତରୀ ପରାମର୍ଶ ପାଇଁ ଜଣେ ଡାକ୍ତରଙ୍କ ସହିତ ଫୋନ୍ ରେ ସଂପର୍କ କରାଇଦିଆଯିବ । ଏହି ସେବା ପ୍ରତିଦିନ ସକାଳ ଆଠଟାରୁ ସନ୍ଧ୍ୟା ଆଠଟା ପର୍ଯ୍ୟନ୍ତ ଉପଲବ୍ଧ ହେବ । ଓଡ଼ଶା ପଜିଟିଭ୍ ଅନୁଷ୍ଠାନର ଅଧକ୍ଷ ତଥା ସୁପ୍ରିମ କୋର୍ଟର ଆଡ଼ଭୋକେଟ୍ ଶ୍ରୀ ସଂଜୀବ କୁମାର ମହାନ୍ତି କହିଛନ୍ତି ଯେ ଦୁଇଦିନତଳୁ ଆରମ୍ଭ ହୋଇଥିବା ଏହି ସେବାର ସୁଯୋଗ ନେବାପାଇଁ ଓଡ଼ିଶାର ବହୁ ଦୁର୍ଗମ ଅଂଚଳରୁ ଫୋନ୍ ଆସୁଛି ଏବଂ ଅନେକ ରୋଗୀ ଏହା ଦ୍ୱାରା ଉପକୃତ ହେଉଛନ୍ତି । ଅନୁଷ୍ଠାନର ଏହି ସାଧୁ ଉଦ୍ୟମକୁ ଓଡ଼ିଶାର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିବା ଓଡିଶା ପଜିଟିଭର ମୁଖପାତ୍ର ଜାମସେଦପୁରର ନିହାର ଶତପଥୀ ଏକ ଲିଖିତ ପ୍ରେସ ବିବୃତିରେ ପ୍ରକାଶ କହିଛନ୍ତି

ମୁଣୁତୁଣିଆରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ : ଭୁଲିଗଲେ କୋଭିଡ୍ ଆଇନ୍ ଓ ସଚେତନତା

ଜଳେଶ୍ୱର, ୨୬/୯ (ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମୁଣୁତୁଣିଆ ଗାଁରେ ଗତ ଶୁକ୍ରବାର ସଂଧ୍ୟାରେ ଆରମ୍ଭ ହୋଇଥିଲା ଭଲିବଲ ଟୁର୍ଣ୍ଣାମେଣ୍ଟ । ମୁଣୁତୁଣିଆ ଭଲିବଲ୍ ଟିମ୍ ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିଥିବା ବେଳେ ମାକିଡିଆ, ବଜାରଶୋଳ, ରାଇବଣିଆ, ଲକ୍ଷ୍ମଣନାଥ ଓ ମୁଣୁତୁଣିଆ-୧ ଓ ମୁଣୁତୁଣୀଆ-୨ ମୋଟ ୬ଟି ଟିମ୍ ଭାଗ ନେଇଥିଲେ । ସଂଧ୍ୟାରେ ଏହି ଖେଳ ଦେଖିବାପାଇଁ ପ୍ରାୟ ୧ହଜାର ଲୋକ ରୁଣ୍ଡ ହୋଇଥିଲେ । ଆଶ୍ଚର୍ଯ୍ୟର ବିଷୟ ରୁଣ୍ଡ ହୋଇଥିବା ଖେଳପ୍ରେମିଙ୍କ ମୁହଁରେ ନା ଥିଲା ମାସ୍କ କିମ୍ବା ସେମାନଙ୍କ

ମଧ୍ୟରେ ଥିଲା ସାମାଜିକ ଦୂରତା । ଲୋକଙ୍କ ଅସଚେତନତା ଯୋଗୁଁ କେତେକ ସଚେତନ ବ୍ୟକ୍ତି ଜଳେଶ୍ୱର ତହସିଲଦାର, ଜଳେଶ୍ୱର ଏସ୍‌ଡିପିଓ, ରାଇବଣିଆ ଥାନା, ଓ ବ୍ଲକ ଅଫିସକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗ ହୋଇଛି । ପ୍ରକାଶ ଯୋଗ୍ୟ ଖେଳର ୩ ଦିନ ପୂର୍ବରୁ ମୁଣୁତୁଣିଆ ଗାଁରେ ଏକାଧିକ କରୋନା ପଜେଟିଭ୍ ଚିହ୍ନଟ ହୋଇଥିଲେ । ଆସନ୍ତା ଦିନରେ ଏପରି ନ ହେବାକୁ ବୁଦ୍ଧିଜିବୀମାନେ ନିବେଦନ କରିଛନ୍ତି ।

ରାଜ୍ୟରେ ଗତ ୨୪ ଘଂଟାରେ ୫୫,୫୩୪ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୨୬।୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୫୫ ହଜାର ୫୩୪ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୪୩,୫୨୩ ଆରଟିପିସିଆରରେ ୯,୯୧୭ ଓ ଟ୍ରୁନଟ୍‌ରେ ୯୪ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୦୬୨୭୧୭ ନମୁନାର ପରୀକ୍ଷା କରା ଯାଇଛି ।

ରକ୍ତଦାନ ଶିବିରରେ ୧୨୭ ୟୁନିଟ୍ ସଂଗୃହୀତ

ଜଳେଶ୍ୱର, ୨୬/୯ (ନି.ପ୍ର) : ଆଜି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାଧବାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । କରୋନା ସମୟରେ ରକ୍ତର ଅଭାବ ମେଣ୍ଟାଇବା ଲାଗି ଏପରି ଶିବିରର ଗୁରୁତ୍ୱପୂର୍ଣ୍ଣ ଭୂମୀକାରହିଥିବା ଜଣାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଦାସ, ବ୍ଲକ ଅଧ୍ୟକ୍ଷ ସବିତା ଦଳେଇ, ସରପଂଚ ହରେକୃଷ୍ଣ ଗିରି, ସମିତି ସଦସ୍ୟ ଝାଡେଶ୍ୱର ଦାସ, ଜିଲାପରିଷଦ ସଦସ୍ୟ ରଂଗଲତା ଆଚାର୍ଯ୍ୟ, ସମାଜସେବୀ ବିଦ୍ୟାଧର ମଲ୍ଲିକ, ମିହିର ଆଚାର୍ଯ୍ୟ, ଖୁଦିରାମ ଦାସ ଅଧିକାରୀ, କାଳିଚରଣ ଦାସ, ଅଦୈତ୍ୟ ଦାସ, ପରେଶ ପ୍ରଧାନ, ନିଶିକାନ୍ତ ବେହେରା ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ବାଲେଶ୍ୱର ରକ୍ତ ଭଣ୍ଡାରର ଡା. ମହେଶ କୁମାର ବିଶ୍ୱାଳ, ଟେକ୍‌ସିଆନ୍ ଦେବାଶିଷ ଦତ୍ତ, ବସନ୍ତ ଜେନା, ସହିଦ ଦିଲଦାର, ଅଜୟ ମହାପାତ୍ର, ବିନୋଦ ବିହାରୀ ଦାସ, ବିଦ୍ୟାଧର ସାହୁ ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ ।

ଧାମରା ପୋର୍ଟ ୱାର୍କ୍ସ ୟୁନିୟନ (ସିଟୁ) ପକ୍ଷରୁ ୧୨ ଦଫା ଦାବି ନେଇ ବିକ୍ଷୋଭ ଓ ଜିଲାପାଳଙ୍କୁ ଦାବିପତ୍ର

ଭଦ୍ରକ,୨୬।୯ (ନି.ପ୍ର): ଧାମରା ବନ୍ଦରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଆଉଟ୍ ସୋର୍ସିଂ କରୁଥିବା କଣ୍ଟ୍ରାକ୍ଟରମାନଙ୍କର ଶୋଷଣ ଓ ଅତ୍ୟାଚାର ପ୍ରତିବାଦରେ ଆଜି ଧାମରା ପୋର୍ଟ ୱାର୍କ୍ସ ୟୁନିୟନ (ସିଟୁ) ପକ୍ଷରୁ ଜିଲ ଶ୍ରମ ଅଧିକାରୀ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ଉପଦେଷ୍ଟା ତଥା ସିଟୁ ପକ୍ଷରୁ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ସୁବ୍ରତ ସାମଲ, ରାଜୁ ପାତ୍ର, ପ୍ରଦୀପ ନାୟକ, ପ୍ରଫୁଲ୍ଲ ବାରିକ, ଅଜୟ ଦାସ, ସୁଶାନ୍ତ ଦଳେଇ, ରିଆଜ ଅହେମ୍ମଦ ଓ ଅଶୋକ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲା ଶ୍ରମ ଅଧିକାରୀ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଏହାପରେ ବଜାର ଦର ବୃଦ୍ଧି ମୁତାବକ ସମସ୍ତ ଶ୍ରମିକମାନଙ୍କୁ ଇନ୍‌କ୍ରିମେଣ୍ଟ ଦେବା, ବେତନ ବୃଦ୍ଧି କରିବା, ଠିକାଦାରୀ ଶୋଷଣ ବନ୍ଦ କରିବା, ସମସ୍ତ ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ଭାବେ ଘୋଷଣା କରିବା, ସମସ୍ତଙ୍କୁ ଇଏସ୍‌ଆଇଭୁକ୍ତ କରିବା, ଇପିଏଫ୍ ସୁଯୋଗ ଯୋଗାଇ ଦେବା, ସମସ୍ତ ଶ୍ରମିକମାନଙ୍କୁ ତାଙ୍କର ପରିବାର ବର୍ଗ ସମେତ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇଦେବା, ଗସ୍ତଖର୍ଚ୍ଚ, ଚିକିତ୍ସା ଖର୍ଚ୍ଚ, ଖାଦ୍ୟ ସାମଗ୍ରୀ ଓ ଘରଭଡା ବାବଦ ଦେୟ ବୃଦ୍ଧି କରିବା, ମୃତ କର୍ମଚାରୀମାନଙ୍କ ପରିବାରକୁ ଜଣକୁ ନିଯୁକ୍ତି ଦେବା, ସମସ୍ତ ଦକ୍ଷ କର୍ମଚାରୀ ଓ ଇଂଜିନିୟରମାନଙ୍କୁ ପଦୋନ୍ନତି କରିବା, ଆଉସ୍ ସୋର୍ସିଂ ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ ଶ୍ରମିକ କର୍ମଚାରୀ ମାନଙ୍କୁ ଦିଆଯାଉଥିବା ସୁବିଧା ଓ ବେତନ ପ୍ରଦାନ ଭଳି ୧୨ ଦଫା ଦାବି ନେଇ ଉପରୋକ୍ତ କର୍ମକର୍ତ୍ତାମାନେ ଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହାପରେ ପ୍ରତିବାଦ ସଭାରେ ଶ୍ରୀ ନାୟକ ନିଜ ବକ୍ତବ୍ୟରେ ଦେଶରେ ମୋଦି ସରକାରଙ୍କ ଶ୍ରମିକମାରଣ ନୀତିକୁ ତୀବ୍ର ନିନ୍ଦା କରିଥିଲେ ।

ନୂଆ ୧୨୪ ଆକ୍ରାନ୍ତ ଚିହ୍ନଟ : ନମୁନା ପରୀକ୍ଷା ୮୦ ହଜାର ଅତିକ୍ରମ କଲା

ଭଦ୍ରକ,୨୬।୯ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ୧୨୪ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜିଲ୍ଲାର ନମୁନା ପରୀକ୍ଷା ସଂଖ୍ୟା ୮୦ହଜାର ଅତିକ୍ରମ କରି ମୋଟ ୮୦ହଜାର ୨୮୦ରେ ପହଞ୍ଚିଛି । ୧୨୪ ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତ ସଂଖ୍ୟା ୪୯୭୦ ହୋଇଥିବା ବେଳେ ସୁସ୍ଥଙ୍କ ସଂଖ